୬ ରୋଜର ଫେଡେରରଙ୍କୁ ମିଳିଲା ପ୍ରତିଷ୍ଠିତ 'ହଲ୍ ଅଫ୍ ଫେମ୍' ସମ୍ମାନ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

E-mail : sambadkalikanews@gmail.com

● ବର୍ଷ–୩୩ ● ସଂଖ୍ୟା–୨୧୧ ● ୩୧ ଅଗଷ୍ଟ ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-211 ● 31st August 2026, Monday ● Bhubaneswar    RNI Regd.No. : 52640/94 Postal Regd.No. : BN-60/25-27

## ୧୩୭ତମ ମନ୍ କି ବାତ୍ କାର୍ଯ୍ୟକ୍ରମ

# ଓଡ଼ିଶାର ମୈଥିଳି ଭୂଏଁଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ, ୩୦ ।୮**

ରବିବାର ୧୩୭ତମ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଓଡ଼ିଶାର ମୈଥିଳି ଭୂଏଁଙ୍କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ମୈଥିଳି ଦେବ୍ରିଗଡ଼ରେ କେନ୍ଦୁପତ୍ର ଓ ମହୁ ସଂଗ୍ରହ ସହ ଜଙ୍ଗଲ ସଂରକ୍ଷଣ କରୁଛନ୍ତି । ମୈଥିଳିଙ୍କର ଏହି କାର୍ଯ୍ୟରେ ଏବେ ପ୍ରାୟ ୬୦ ମହିଳା ସାମିଲ ହୋଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଓଡ଼ିଶାର ସମ୍ବଲପୁର ଜିଲ୍ଲା ଦେବ୍ରିଗଡ଼ ଅଞ୍ଚଳର ମୈଥିଳି ଭୂଏଁଙ୍କ ସଫଳତାର କାହାଣୀ ସ୍ଥାନ ପାଇଛି । ମହିଳାଙ୍କ ପାଇଁ ମୈଥିଳି ଜଣେ ପ୍ରେରଣା ବୋଲି କହିବା ସହ ତାଙ୍କ ଜୀବନ ଓ ଜୀବିକାରେ ଆସିଥିବା ପରିବର୍ତ୍ତନର କଥା ବଖାଣିଛନ୍ତି ପ୍ରଧାନମନ୍ତ୍ରୀ ।

ଦିନେ ମୈଥିଳି ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିଲେ । ଜଙ୍ଗଲରୁ ମିଳୁଥିବା ବିଭିନ୍ନ ଉତ୍ପାଦ ବିକ୍ରି କରି ସେ (ପୃଷ୍ଠା ୭ରେ)

## ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' ରାଷ୍ଟ୍ର ନିର୍ମାଣ ଓ ଯୁବଶକ୍ତି ପାଇଁ ଅସରନ୍ତି ପ୍ରେରଣାର ଉତ୍ସ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୦ ।୮**
**ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୩୭ ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ ରବିବାର ଭୁବନେଶ୍ୱରର ନୟାପଲ୍ଲୀସ୍ଥିତ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନକୁ ଦେଶବାସୀଙ୍କ ପାଇଁ ପ୍ରେରଣାର ଅସରନ୍ତି ଉତ୍ସ ଭାବେ ବର୍ଣ୍ଣନା କରିଛନ୍ତି ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଦେଖିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମରେ ଓଡ଼ିଶାକୁ ଯଥେଷ୍ଟ ଗୁରୁତ୍ୱ ମିଳିଛି । ଓଡ଼ିଶାର ଇତିହାସ, ପ୍ରାକୃତିକ ପରିବେଶ, କଳା ଓ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ଓଡ଼ିଆ ଲୋକଙ୍କ ଉଦ୍ୟମକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖକୁ ଆଣିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ସ୍ପଟ୍ ଲାଇଟ ସେମାନଙ୍କୁ ରାଷ୍ଟ୍ର ନିର୍ମାଣ ପାଇଁ ପ୍ରୋତ୍ସାହିତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏଥି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ୍ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।

ଆଜିର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଓଡ଼ିଶାର ଐତିହ୍ୟ ଓ ଜନଶକ୍ତିର ଉଲ୍ଲେଖ ଦେଖିବାକୁ ମିଳିଛି । ଆଜିର ମନ୍ କି ବାତ୍‌ରେ ମୁମ୍ବାଇର କୃଷ୍ଣା ଶେଷାଦ୍ରି ପ୍ରଧାନମନ୍ତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେଇ (ପୃଷ୍ଠା ୭ରେ)

## ଧାନ କିଣା ପଞ୍ଜୀକରଣ ଅବଧି ଆଉ ୭ଦିନ ବୃଦ୍ଧି

**ଭୁବନେଶ୍ୱର, ୩୦ ।୮**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଧାନ କିଣା ପାଇଁ ପଞ୍ଜୀକରଣ ଅବଧି ରାଜ୍ୟ ସରକାର ଆଉ ୭ ଦିନ ବୃଦ୍ଧି କରିଛନ୍ତି । ଏନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ସୋମବାର ଏହି ପଞ୍ଜୀକରଣ ଅବଧି ଶେଷ ହେଉଥିଲା । ତେବେ ଅନେକ ଚାଷୀ ପଞ୍ଜୀକରଣ କରିପାରୁନଥିବାରୁ ଏହି ଅବଧି ବୃଦ୍ଧି କରାଯାଇଛି । ଏଯାବତ ୧୭ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଛନ୍ତି । ଗତବର୍ଷ ୧୯ ଲକ୍ଷ ୬୭ ହଜାର ଚାଷୀ ପଞ୍ଜୀକରଣ କରିଥିଲେ । ନେଟୱାର୍କ ସମସ୍ୟା ଯେଉଁଠି ରହିଛି, ତାହାର ଦୂର ପାଇଁ ବୈଷୟିକ ଟିମ୍ ସହ ଆଲୋଚନା ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି ।




## ଉଜବେକିସ୍ତାନର ସର୍ବୋଚ୍ଚ ରାଜକୀୟ ପୁରସ୍କାରରେ ସମ୍ମାନିତ ହେଲେ ପ୍ରଧାନମନ୍ତ୍ରୀ ମୋଦୀ

**ନୂଆଦିଲ୍ଲୀ, ୩୦ ।୮**

ଉଜବେକିସ୍ତାନର ରାଷ୍ଟ୍ରପତି ଶବକତ୍ ମିର୍ଜିୟୋୟେଭ୍ ରବିବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦେଶର ସର୍ବୋଚ୍ଚ ରାଜ୍ୟ ପୁରସ୍କାର 'ଓଲି ଦାରାଜାଲି ଦୋସ୍ତାଲିକ୍' (ସର୍ବୋଚ୍ଚ ବନ୍ଧୁତା ପୁରସ୍କାର) ରେ ସମ୍ମାନିତ କରିଛନ୍ତି ।

ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଉଜବେକିସ୍ତାନର ସର୍ବୋଚ୍ଚ ସମ୍ମାନ ଗ୍ରହଣ କରିବା ତାଙ୍କ ପାଇଁ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ । ଏହି ସମ୍ମାନ ୧୪୦ କୋଟି ଭାରତୀୟଙ୍କ ସମ୍ମାନ ଏବଂ ସମସ୍ତ ଭାରତୀୟଙ୍କ ତରଫରୁ ମୁଁ ଉଜବେକିସ୍ତାନର ଜନସାଧାରଣ, ଏଠାକାର (ପୃଷ୍ଠା ୭ରେ)



## ଆଜିର ମୁଖ୍ୟ ଖବର

- ଲକ୍ଷ୍ନୌ କ୍ୟାଣ୍ଟନମେଣ୍ଟରେ ୧୦୧ କୋଟି ଟଙ୍କା ମୂଲ୍ୟର ୧୪ଟି ପ୍ରକଳ୍ପର ଭୂମି ପୂଜନ କଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ।
- କୋଲକାତାରେ ହେବ 'ସମ୍ପର୍କ 'ଭାରତ-ରୁଷିଆ ଦ୍ୱିପାକ୍ଷିକ ସମ୍ମିଳନୀ, ଶିକ୍ଷ, ସଂସ୍କୃତି ଏବଂ ଶକ୍ତି ଉପରେ କରାଯିବ ବିଚାର ବିମର୍ଶ ।
- ପାକିସ୍ତାନର ବେଲୁଚିସ୍ତାନରେ ସେନାର ସଶସ୍ତ୍ର ଗାଡ଼ି ଉପରେ ଆକ୍ରମଣରେ ୧୩ ଜଣ ସୈନିକଙ୍କ ମୃତ୍ୟୁ ।

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୬,୧୧୩ (+୦) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୪,୭୭୦ (+୦) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୨,୦୮୫ (+୦) |

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୫୫ (+୦)

## ୧,୧୧୧ କେନ୍ଦ୍ରରେ ନିଟ୍-ପିଜି ପରୀକ୍ଷା ସମ୍ପନ୍ନ

# ୨.୭୩ ଲକ୍ଷ ପଞ୍ଜୀକୃତ ପ୍ରାର୍ଥୀଙ୍କ ମଧ୍ୟରୁ ୨.୬୫ ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷା ଦେଲେ

**ନୂଆଦିଲ୍ଲୀ, ୩୦ ।୮**

ନ୍ୟାସନାଲ ବୋର୍ଡ ଅଫ୍ ଏକଜାମିନେସନ୍ସ ଇନ୍ ମେଡିକାଲ ସାଇନସେସ (ଏନବିଇଏମଏସ୍) ଦ୍ୱାରା ରବିବାର ସାରା ଦେଶରେ ନିଟ୍-ପିଜି ୨୦୨୬ ପରୀକ୍ଷା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ପରୀକ୍ଷାକୁ ନିରପେକ୍ଷ, ସୁରକ୍ଷିତ ଓ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ବ୍ୟାପକ ସ୍ୱତନ୍ତ୍ର ପରିଚାଳନା, ବୈଷୟିକ ଜ୍ଞାନକୌଶଳ, କଡ଼ା ସୁରକ୍ଷା ବ୍ୟବସ୍ଥା ସହିତ ଆବଶ୍ୟକ କର୍ମଚାରୀ ନିୟୋଜିତ କରାଯାଇଥିଲା ।

ଦେଶର ସମସ୍ତ ୩୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୩୩୯ଟି ସହରରେ ଥିବା ୧,୧୧୧ ପରୀକ୍ଷା କେନ୍ଦ୍ରରେ ୨,୭୩,୦୯୬ ପ୍ରାର୍ଥୀଙ୍କ ପାଇଁ ପରୀକ୍ଷା ସ୍ଥିର କରାଯାଇଥିଲା । ମୋଟ ୨,୬୫,୯୮୦ ପ୍ରାର୍ଥୀ ପରୀକ୍ଷା ଦେଇଥିଲେ, ପ୍ରାୟ



୨,୬୩,୫୩୫ ପ୍ରାର୍ଥୀଙ୍କ ପାଇଁ ପରୀକ୍ଷା ସଫଳତାର ସହ ସମାପ୍ତ ହୋଇଥିଲା ।

ଦେଶବ୍ୟାପୀ ପରୀକ୍ଷା ବ୍ୟାପକ ରିୟଲ୍ ଟାଇମ୍ ତଦାରଖ ଏବଂ କଠୋର ସୁରକ୍ଷା ବ୍ୟବସ୍ଥା ଦ୍ୱାରା ସମର୍ଥିତ ହୋଇଥିଲା । ପରୀକ୍ଷା ପରିଚାଳନା ତଦାରଖ କରିବା ପାଇଁ ମୋଟ୍ ୨,୫୨୭ ଅଧ୍ୟାପକଙ୍କୁ ସ୍ୱାଧୀନ ମୂଲ୍ୟାଙ୍କନକାରୀ ଭାବରେ ନିଯୁକ୍ତ କରାଯାଇଥିଲା । ଏହା ସହିତ, ଡିନ୍, ନିର୍ଦ୍ଦେଶକ, ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ଏବଂ ବରିଷ୍ଠ ପ୍ରଫେସରଙ୍କ ସମେତ ୭୦୦ ରୁ ଅଧିକ ବରିଷ୍ଠ ଅଧ୍ୟାପକଙ୍କୁ ଫ୍ଲାଇଂ ସ୍କ୍ୱାଡ୍ ସଦସ୍ୟ ଭାବରେ ନିୟୋଜିତ କରାଯାଇଥିଲା ।

ସମନ୍ୱୟ ଏବଂ ତଦାରଖକୁ ସୁଦୃଢ଼ କରିବା ପାଇଁ, ସାରା ଦେଶରେ ୧୬ ଟି ଏନବିଇଏମଏସ୍ ଆଞ୍ଚଳିକ କମାଣ୍ଡ କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଇଥିଲା ।

ପରୀକ୍ଷା କେନ୍ଦ୍ରଗୁଡ଼ିକୁ ଲାଇଭ୍ ସିସିଟିଭି ନଜରରେ ମଧ ରଖାଯାଇଥିଲା, ଯାହା ଦ୍ୱାରକାରେ ଏହାର ମୁଖ୍ୟାଳୟରେ ଏନବିଇଏମଏସ୍ କମାଣ୍ଡ ସେଣ୍ଟରରୁ ନିରନ୍ତର ତଦାରଖ କରାଯାଉଥିଲା । ଏନବିଇଏମଏସ୍ ଏବଂ ଟିସିଏସ୍ ର ୧୯୦ ଜଣ କର୍ମଚାରୀଙ୍କ ଏକ ଉତ୍ସର୍ଗୀକୃତ ଦଳକୁ ରିୟଲ୍-ଟାଇମ୍ ନିରୀକ୍ଷଣ ଏବଂ ତଦାରଖ ପାଇଁ ନିୟୋଜିତ କରାଯାଇଥିଲା ।

ଏନବିଇଏମଏସ୍ ମୁଖ୍ୟାଳୟରେ ଥିବା ସମର୍ପିତ କମାଣ୍ଡ ସେଣ୍ଟରରେ, ଏନବିଇଏମଏସ୍, ସ୍ୱାସ୍ଥ୍ୟ (ପୃଷ୍ଠା ୭ରେ)

## ଛାଡ଼ପତ୍ର ମାମଲା : ଅଦାଲତ ନିର୍ଦ୍ଦେଶର କଡାକଡି ଅନୁପାଳନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୩୦ ।୮**
**ନ୍ୟୁଜ୍ ବ୍ୟୁରୋ**

କୋର୍ଟର ନିର୍ଦ୍ଦେଶ ସତ୍ତ୍ୱେ ସ୍ୱାମୀଙ୍କ ଠାରୁ ଭରଣପୋଷଣ ପାଉ ନଥିବା ମହିଳା ଏବଂ ସନ୍ତାନସନ୍ତତିଙ୍କ ଚିନ୍ତା ଦୂର ହୋଇଛି । ଏଭଳି ପୁରୁଷ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ଅନେକ ପୁରୁଷ କର୍ମଚାରୀ ସେମାନଙ୍କର ସ୍ତ୍ରୀ ବା ସନ୍ତାନସନ୍ତତିଙ୍କୁ ଭରଷପୋଷଣ ସହାୟତା ଦେଉନାହାନ୍ତି । ଛାଡ଼ପତ୍ର ସମ୍ପର୍କିତ ପୋଷଣ ଖର୍ଚ୍ଚ ମଧ ଦେଉନାହାନ୍ତି । ଏଥିପାଇଁ ବିଭିନ୍ନ କୋର୍ଟରେ ବିଚାର ହୋଇ, କୋର୍ଟ ତରଫରୁ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ପୁରୁଷ କର୍ମଚାରୀ ଏହି ଭରଣପୋଷଣ ଦେବାରେ ଅବହେଳା କରୁଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ ଅଭିଯୋଗ ଶୁଣାଣି ସମୟରେ ହାରାହାରି ୨-୩ଟି ମାମଲା ଅଭିଯୋଗ ପ୍ରକୋଷ୍ଠକୁ ଆସୁଅଛି । ତେଣୁ ମୁଖ୍ୟମନ୍ତ୍ରୀ ଏହା ଉପରେ କଡ଼ା ଆଭିମୁଖ୍ୟ ନେଇ ଏହି ଅର୍ଥକୁ ସଂପୃକ୍ତ କର୍ମଚାରୀଙ୍କ ଦରମାରୁ କାଟି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ସରକାରୀ କର୍ମଚାରୀ ହୋଇ ଅଦାଲତର ଅବମାନନା କରିବା ଏବଂ ତା'ସହିତ ପତ୍ନୀ ଓ ପିଲାମାନଙ୍କ ପ୍ରତି ଏଭଳି ଅବିଚାର କରିବା ରାଜ୍ୟ ସରକାରଙ୍କ ପକ୍ଷେ ଆଦୌ ଗ୍ରହଣୀୟ ନୁହେଁ ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ସଂପୃକ୍ତ ମହିଳା ଓ ସନ୍ତାନସନ୍ତତିଙ୍କ ଭରଣପୋଷଣ ପାଇଁ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି ନିର୍ଦ୍ଦେଶନାମା ଅନୁଯାୟୀ ଭରଣପୋଷଣ ପ୍ରଦାନ ପାଇଁ ଅଦାଲତଙ୍କ ନିର୍ଦ୍ଦେଶନାମା ପାଇବା ପରେ ବିଭାଗୀୟ ଡିଡିଓ ସଂପୃକ୍ତ ସରକାରୀ କର୍ମଚାରୀଙ୍କ ମାସିକ ଦରମା ବିଲ୍ ପ୍ରସ୍ତୁତ କରିବା ସମୟରେ ଭରଣପୋଷଣ ପାଇଁ ଅଦାଲତ ଯେଉଁ ପରିମାଣର ଅର୍ଥ ନିର୍ଦ୍ଧାରିତ (ପୃଷ୍ଠା ୭ରେ)


'ସମ୍ବାଦ କଳିକା'ର ପ୍ରାଣପ୍ରତିଷ୍ଠାତା, ଦିଗ୍‌ଦର୍ଶକ ତଥା ପଥପ୍ରଦର୍ଶକ ସ୍ୱର୍ଗତ ରବୀନ୍ଦ୍ର ନାଥ ରାୟଙ୍କ ୧୫ତମ ଶ୍ରାଦ୍ଧବାର୍ଷିକୀ ଅବସରରେ 'ସମ୍ବାଦ କଳିକା', 'କଥା କଳିକା', 'ରବିବାସରୀୟ କଳିକା' ତଥା 'ଉତ୍କଳ ଦୀପିକା' ପରିବାର ତରଫରୁ ବିନମ୍ର ଶ୍ରଦ୍ଧାଞ୍ଜଳି ।

## ପୂର୍ବତନ ମନ୍ତ୍ରୀ ଡମ୍ବରୁ ମାଝୀଙ୍କ ପରଲୋକ

**ଭୁବନେଶ୍ୱର, ୩୦ ।୮**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ଡମ୍ବରୁ ମାଝୀଙ୍କର ରବିବାର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା । ବୟସଜନିତ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ସେ ନବରଙ୍ଗପୁର ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ସେଠାରେ ରବିବାର ଭୋର ପ୍ରାୟ ୫ଟା ସମୟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ଡମ୍ବରୁ ମାଝୀ ନବରଙ୍ଗପୁରର ପ୍ରମୁଖ ରାଜନୈତିକ ନେତାମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ତାଙ୍କର ଦୀର୍ଘ ରାଜନୈତିକ ଜୀବନ କାଳରେ ୧୯୬୭ରୁ ୧୯୯୦ ମଧ୍ୟରେ ବିଭିନ୍ନ ସମୟରେ ସେ ଓଡ଼ିଶା ସରକାରରେ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ ଏବଂ ବିଭିନ୍ନ ବିଭାଗର ଦାୟିତ୍ୱ ସମ୍ଭାଳିଥିଲେ ।

ଡମ୍ବରୁ ମାଝୀ ପାଞ୍ଚ ଥର ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ସେ ୧୯୬୭, ୧୯୭୧ ଏବଂ ୧୯୮୫ରେ ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରତିନିଧିତ୍ୱ କରିଥିବା ବେଳେ ୧୯୭୭ ଏବଂ ୧୯୮୦ରେ କୋଡିଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ।

ଦଶନ୍ଧି ଧରି ଚାଲିଥିବା ତାଙ୍କର ରାଜନୈତିକ ଜୀବନରେ ମାଝୀ ଅବିଭକ୍ତ (ପୃଷ୍ଠା ୭ରେ)




# ନେପାଳ ବନ୍ୟା : ମୃତ୍ୟୁ ସଂଖ୍ୟା ୭୦୦ ପାର, ୩ ହଜାରରୁ ଊର୍ଦ୍ଧ୍ୱ ନିଖୋଜ



**କାଠମାଣ୍ଡୁ, ୩୦ ।୮**

ନେପାଳ ବନ୍ୟାର ଭୟାବହତା ବିଶ୍ୱବାସୀଙ୍କ ହୃଦୟକୁ ଥରାଇ ଦେଇଛି । ଶାନ୍ତିପୂର୍ଣ୍ଣ ଜୀବନ ଯାପନ ପାଇଁ ନଦୀ ଅବବାହିକାର ଦୁଇ ପାର୍ଶ୍ୱରେ ଘର କରିଥିବା ଅନେକ ଲୋକ ପ୍ରକୃତି କୋପରେ ଭାସି ଯାଇ ନିଖୋଜ ଅଛନ୍ତି । ପ୍ରକୃତିର ଏହି ରୌଦ୍ର ରୂପକୁ ଯିଏ ଦେଖୁଛି, ସିଏ ଭୟରେ ଥରି ଯାଉଛି । ଉଦ୍ଧାରକାର୍ଯ୍ୟରେ ନିୟୋଜିତ ଯବାନ ମାଟି ତଳୁ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର କରୁଛନ୍ତି । ଅବଶେଷ ତଳୁ ଜୀବନ ଖୋଜା ଚାଲିଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ି ବଢ଼ି ଚାଲିଛି । ଶନିବାର ରାତି ସୁଦ୍ଧା ୭୦୦ରୁ ଊର୍ଦ୍ଧ୍ୱ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । ୨୮୭ ଭାରତୀୟଙ୍କ ସମେତ ୩ ହଜାରରୁ ଊର୍ଦ୍ଧ୍ୱ ନିଖୋଜ ଅଛନ୍ତି । ୪୪୫୧ ଜଣଙ୍କୁ ଉଦ୍ଧାର କରାଯାଇଛି । ସେହିପରି ତିବ୍ବତରେ ମୃତ୍ୟୁସଂଖ୍ୟା ୭ରେ ପହଞ୍ଚିଥିବା ବେଳେ ୫୫୪ ନିଖୋଜ ଅଛନ୍ତି । ଅଧିକାଂଶ ଅଞ୍ଚଳକୁ ସୁରକ୍ଷାବାହିନୀ ପହଞ୍ଚି ପାରି ନ ଥିବାରୁ ମୃତ୍ୟୁସଂଖ୍ୟା ଅଧିକ ବୃଦ୍ଧି ପାଇବାର ଆଶଙ୍କା ରହିଛି । ମୃତ୍ୟୁସଂଖ୍ୟା ବଢୁଥିବାବେଳେ ମୃତଦେହ ଚିହ୍ନଟ ନ ହେବା ସବୁଠୁ ବଡ଼ ସମସ୍ୟା ପାଲଟି ଯାଇଛି । ଶବଗୃହରେ ଶବ ସବୁ ଥିବାବେଳେ ପରିଚୟ ମିଳୁନାହିଁ । ନିଜ ସମ୍ପର୍କୀୟଙ୍କୁ ଖୋଜିବା ପାଇଁ (ପୃଷ୍ଠା ୭ରେ)

## ଲଘୁଚାପ ପ୍ରଭାବରେ ବର୍ଷା ଜାରି : ୩ ଜିଲ୍ଲାକୁ ୱାର୍ଣ୍ଣିଂ

**ଭୁବନେଶ୍ୱର, ୩୦ ।୮**
**ନ୍ୟୁଜ୍ ବ୍ୟୁରୋ**

ବଙ୍ଗୋପସାଗରରେ ସୃଷ୍ଟି ସକ୍ରିୟ ଲଘୁଚାପ ବଳୟ ପ୍ରଭାବରେ ରାଜ୍ୟରେ ପୁଣି ଆରମ୍ଭ ହୋଇଛି ବର୍ଷାର ତାଣ୍ଡବ । ଅବିଶ୍ରାନ୍ତ ବର୍ଷା ଯୋଗୁ ଉତ୍ତର ଓଡ଼ିଶାର ସ୍ଥିତି ସମ୍ପୂର୍ଣ୍ଣ ବେହାଲ ହୋଇପଡ଼ିଥିବା ବେଳେ ପଶ୍ଚିମ ଓଡ଼ିଶାରେ ସ୍ଥିତି ଅତ୍ୟନ୍ତ ସଙ୍ଗୀନ ରୂପ ନେଇଛି । ୩ ଜିଲା ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱରରେ ଭୟଙ୍କର ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱରଏହି ଜିଲାରେ (ପୃଷ୍ଠା ୭ରେ)





## ଏସ୍‌ସିବିରେ ଦେଢ଼ କୋଟି ହେର୍‌ଫେର୍ ମାମଲା

# ଚୌଦ୍ୱାର ଜେଲ୍‌ରେ ଅଭିଯୁକ୍ତ: ୩ ଦିନିଆ ରିମାଣ୍ଡରେ ଅଣାଯିବ

**କଟକ, ନ୍ୟୁଜ୍ ବ୍ୟୁରୋ**

ଏସ୍‌ସିବି ମେଡିକାଲ୍ କର୍ମଚାରୀଙ୍କଟିଏ, ଡିଏ, ଛୁଟି ଭତ୍ତା ବାବଦ ୧ କୋଟି ୪୦ ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ୍ କରିବା ଘଟଣାରେ ଗିରଫ ହୋଇଥିବା ଡାଟା ଏଣ୍ଟ୍ରି ଅପରେଟର କେନ୍ଦ୍ରାପଡ଼ା ରାଜକନିକାର ଦୀନେଶ ରାଉତକୁ ଚୌଦ୍ୱାର ଜେଲ୍ ପଠାଇଦିଆଯାଇଛି । ଶୁକ୍ରବାର ସକାଳେ ଦିନେଶକୁ କୋର୍ଟରେ ହାଜର କରାଯାଇଥିଲା । ଅଦାଲତ ତାର ଜାମିନ ନାମଞ୍ଜୁର କରି ଜେଲ୍‌କୁ ପଠାଇ ଦେଇଥିଲେ । ତେବେ ଏହି ଜାଲିଆତି ପଛରେ ଏକ ବଡ଼ ର୍‌ୟାକେଟ୍ ଥିବାରୁ ଦୀନଶକୁ ରିମାଣ୍ଡରେ ଆଣି ଜେରା କରିବା ପାଇଁ ମଙ୍ଗଳାବାଗ ଥାନା ନିଷ୍ପତ୍ତି ନେଇଛି । ଏନେଇ ସୋମବାର ଦିନ କୋର୍ଟରେ ଆବେଦନ ହେବ । ପ୍ରାୟ ୩ ଦିନିଆ ରିମାଣ୍ଡ ପାଇଁ କୋର୍ଟଙ୍କ ନିକଟରେ ପ୍ରାର୍ଥନା କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ଅନ୍ୟପଟେ ଏହି ଘଟଣାରେ ଆଉ କାହାର ସଂପୃକ୍ତି ରହିଛି ତାହା ଜାଣିବା ପାଇଁ ତଦନ୍ତକାରୀ ଟିମ୍ ଛାନ୍‌ଭିନ୍ ଜାରି ରଖିଛି । ଏହି କ୍ରମରେ ପୋଲିସ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଠାରୁ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଗାଇଛି । ଏଥିସହିତ ଦିନେଶ ଓ ତାର କିଛି ନିକଟତର ଲୋକଙ୍କର ବ୍ୟାଙ୍କ ନେଣଦେଣର ତଥ୍ୟ ମଧ୍ୟ ପୋଲିସ ମାଗିଛି । ତାର ଏକାଧିକ ଆକାଉଣ୍ଟ ରହିଛି । ସେସବୁ ଆକାଉଣ୍ଟର ସବିଶେଷ ତଥ୍ୟ ଦେବାକୁ ପଲିସ ବ୍ୟାଙ୍କକୁ କହିଛି । ଖୁବ୍‌ଶୀଘ୍ର ଏହା ପୋଲିସର ହସ୍ତଗତ ହେବ । ଦୀନେଶ ରିମାଣ୍ଡରେ ଆସିବା ପରେ ଉକ୍ତ ତଥ୍ୟକୁ ଆଧାର କରି ତାକୁ ଜେରା କରାଯିବ ବୋଲି ପୋଲିସ ସୂଚନା ଦେଇଛି । ଏଣେ ଏହି ଘଟଣାରେ ଆକାଉଣ୍ଟ ସେକ୍ସନ୍‌ର କ୍ୟାସିୟର ଓ କିରାଣିଙ୍କୁ ମଧ୍ୟ ପଚରାଉଚୁରା କରାଯାଉଛି । ଦୀନେଶ କରିଥିବା ଏହି କେଳେଙ୍କାରୀ ଅଡିଟ୍ ଧରିଥିଲା । ଅଡିଟ୍ ରିପୋର୍ଟକୁ ଆଧାର କରି ମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ଜ୍ୟୋତିଷଚନ୍ଦ୍ର ଚୌଧୁରୀ ମଙ୍ଗଳାବାଗ ଥାନାରେ ଏତଲା ଦେବା ପରେ ପୋଲିସ ତନାଘନା କରି ଦୀନେଶକୁ ଗିରଫ କରିଛି । ଆକାଉଣ୍ଟ୍ ସେକ୍ସନର କମ୍ପ୍ୟୁଟରରୁ ବହୁ ତଥ୍ୟ ପୋଲିସ ଜବତ କରିଛି । ଏହା ମଧ୍ୟରେ ଦୀନେଶର ଆକାଉଣ୍ଟ୍‌ଗୁଡ଼ିକ ଫ୍ରିଜ୍ ବା ଅଚଳ କରାଯାଇଛି । ଅଭିଯୁକ୍ତ ଦୀନେଶ ଏକ ଘରୋଇ ସଂସ୍ଥା ଦ୍ୱାରା ନିୟୋଜିତ ହୋଇଛି । ଗଲା ୧୦ ବର୍ଷ ହେବ ମେଡିକାଲର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଯଥା ଆକାଉଣ୍ଟ୍ ସେକ୍ସନ୍‌ରେ ସେ କାମ କରୁଥିଲା । ୨୦୧୫-୧୬ ଆର୍ଥିକ ବର୍ଷରୁ ସେ ଟଙ୍କା ହେରଫେର୍ ଆରମ୍ଭ କରିଥିବା ଅଡିଟ୍‌ରେ ଜଣାପଡ଼ିଛି । ଗୁରୁତ୍ୱପୂର୍ଣ୍ଣ ହେଉଛି ଏସ୍‌ସିବି ଆକାଉଣ୍ଟ୍ ସେକ୍ସନର ପୂର୍ବତନ କନିଷ୍ଠ କିରାଣି ତଥା ଅଭିଯୁକ୍ତ ଦୀନେଶର ବାପା ଦିଲ୍ଲୀପ କୁମାର ରାଉତକୁ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ବାନ୍ଧିଥିଲା । ବାପାଙ୍କ ନାଁରେ ଏଭଳି ସଂଗୀନ ଅଭିଯୋଗ ଥିବା ବେଳେ ପୁଅ ଦୀନେଶକୁ ସେଠାରେ କିଏ ଓ କାହିଁକି କାମ ଦେଇଥିଲା ତାହା ମଧ୍ୟ ପୋଲିସ ଏବେ ଛାନ୍‌ଭିନ୍ କରୁଛି । ଅଡିଟ୍ ଧରିଥିବା ଅର୍ଥ ବାଦ୍ ଆଉ କିଛି ଟଙ୍କା ହେର୍‌ଫେର୍ ବିଷୟ ସାମ୍ନାକୁ ଆସିପାରେ ବୋଲି ପୋଲିସ ଆଶଙ୍କା କରୁଛି । ଏହି କ୍ରମରେ ଏସ୍‌ସିବି ମେଡିକାଲ୍ ପକ୍ଷରୁ ସମାନ୍ତରାଳ ଭାବେ ପ୍ରଶାସନିକ ସ୍ତରରେ ମଧ୍ୟ ଏହି ଘଟଣାର ତଦନ୍ତ ଚାଲିଛି । ତେଣୁ ଆଗକୁ ଏହି ଟଙ୍କା ଆତ୍ମସାତ୍ ଘଟଣାରେ ଅନ୍ୟ କିଛି ଲିଂକ୍ ମିଳିବ ବୋଲି କୁହାଯାଉଛି ।

# କୂଅରୁ ୨ ହେଟାବାଘ ଉଦ୍ଧାର



**ରାଇଘର, ନ୍ୟୁଜ୍ ବ୍ୟୁରୋ**

ରାଇଘର ବ୍ଲକ ବୋବେଇ ପଞ୍ଚାୟତ ଅନ୍ତର୍ଗତ ବୋବେଇ ଗ୍ରାମରେ ଏକ ଜମି ଭିତରେ ଥିବା କୂଅରେ ଦୁଇଟି ହେଟାବାଘ ପଡ଼ିଥିବାର ଦେଖିଥିଲେ ଗ୍ରାମବାସୀ । ହେଟାବାଘ ଦୁଇଟିକୁ ଗ୍ରାମବାସୀ କୂଅ ଭିତରେ ଦେଖିବା ପରେ ବନ ବିଭାଗକୁ ସୂଚନା ଦେଇଥିଲେ । ଖବରପାଇ ରାଇଘର ବନ ବିଭାଗ ତରଫରୁ ରାଇଘର ଟାଉନ ଫରେଷ୍ଟର ଅନିରୁଦ୍ଧ ବିଶ୍ୱାଳ, ଫରେଷ୍ଟଗାର୍ଡ ପ୍ରକାଶ ସରକାର, ଫରେଷ୍ଟଗାର୍ଡ ବୁଦ୍ଧେଶ୍ୱର ମୁଣ୍ଡାଙ୍କ ସହ ଉଦ୍ଧାରକାରୀ ଦଳ, ବନ୍ୟପ୍ରାଣୀ ସୁରକ୍ଷା ବାହିନୀ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହେଟାବାଘ ଦୁଇଟିକୁ ସୁରକ୍ଷିତ ଭାବେ ଉଦ୍ଧାରକରି ରାଇଘର ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ । ଏପଟେ ଦୁଇ ହେଟାବାଘଙ୍କୁ ଦେଖିବା ପାଇଁ ଘଟଣାସ୍ଥଳରେ ଶହ ଶହ ଲୋକଙ୍କ ଭିଡ଼ ଜମିଥିବାର ଦେଖିବାକୁ ମିଳିଥିଲା, ବନ ବିଭାଗ ପକ୍ଷରୁ ହେଟାବାଘ ଦୁଇଟିକୁ ସୁରକ୍ଷିତ ଭାବେ କୂଅରୁ ବାହାର କରି ବନବିଭାଗ କାର୍ଯ୍ୟାଳୟରେ ଅଣାଯାଇ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରେଇ ପାପଡାହାଣ୍ଡି ମୃଗ ବିହାରରେ ଛାଡିଆସିବେ ବୋଲି ରାଇଘର ରେଞ୍ଜର ଏମ୍. ଡି ସମିଦ କହିଛନ୍ତି ।

## ହାଇକୋର୍ଟରେ ବ୍ରହ୍ମପୁର ନିର୍ବାଚନୀ ମୋକଦ୍ଦମା:ସାକ୍ଷ୍ୟ ଗ୍ରହଣ ଶେଷ

**କଟକ, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ମାମଲାରେ ପ୍ରତିପକ୍ଷ ବିଧାୟକ କେ.ଅନୀଲ କୁମାରଙ୍କ ହାଇକୋର୍ଟରେ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି । କେ.ଅନୀଲ କୁମାରଙ୍କୁ ଆବେଦନକାରୀଙ୍କ ତରଫରୁ ଜେରା କରାଯାଇଥିଲା । ଜେରା ସଂପୂର୍ଣ୍ଣ ହୋଇଥିଲା । ପ୍ରତିପକ୍ଷଙ୍କ ତରଫରୁ ଆଉ କାହାର ସାକ୍ଷ୍ୟ ଗ୍ରହଣ ହେବାର ନାହିଁ ବୋଲି ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା । ଏହାପରେ ସେପ୍ଟେମ୍ବର ୧୭କୁ ମାମଲାରେ ଯୁକ୍ତି ଉପସ୍ଥାପନ ପାଇଁ ଧାର୍ଯ୍ୟ କରାଯାଇଛି । ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମନୋଜ କୁମାର ପଣ୍ଡାଙ୍କ ତରଫରୁ ଦାୟର । ନିର୍ବାଚନୀ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ବ୍ରହ୍ମପୁର ବିଧାନସଭା ଆସନ ଫଳାଫଳକୁ ଚାଲେଞ୍ଜ କରି ନିର୍ବାଚନୀ ମୋକଦ୍ଦମା ଦାୟର । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୨୪ ନିର୍ବାଚନରେ କେ. ଅନୀଲ କୁମାର ୫୪୯୯୭ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡି ପ୍ରାର୍ଥୀ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ୩୬୨୮୮ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହି ପରାଜିତ ହୋଇଥିଲେ । ଅଞ୍ଚଳର ଜଣେ ସାଧାରଣ ଭୋଟର ଭାବେ ଶ୍ରୀ ପଣ୍ଡା ବ୍ରହ୍ମପୁର ବିଧାନସଭା ଆସନ ଫଳାଫଳକୁ ଚାଲେଞ୍ଜ କରି ନିର୍ବାଚନୀ ମୋକଦ୍ଦମା ଦାୟର କରିଥିଲେ । ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି ।

## ନଦୀ ପଥରେ ଚାଲିଛି ଚୋରା ମଦ କାରବାର:୩୬୦ ଲିଟର ଦେଶୀ ମଦ ଜବତ:ଜଣେ ଗିରଫ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଚୋରା ମଦ ବେପାରୀ ମାନଙ୍କ ଛନକା ପଶିଛି ରାସ୍ତାରେ ନଆଣି ନଦୀ ପଥରେ ଟ୍ୟୁବ ବାଉଁଶ ଭେଳା ସାହାର୍ଯ୍ୟରେ ମଦ କାରବାର କରୁଛନ୍ତି । ସବୁ ଦିନ ଅନ୍ଧାର ରାତି ନଥାଏ ଜହ୍ନ ରାତି ଆସେ । ଯାଜପୁର ରୋଡ ଅବକାରୀ ବିଭାଗ ୩୬୦ ଲିଟର ଦେଶୀ ମଦ ଜବଦ କଲା ଓ ଜଣେ ଗିରଫ ଯାଜପୁର ରୋଡ ଅବକାରୀ ବିଭାଗ ସକ୍ରିୟ ହୋଇଛି ଚୋରା ମଦ ବେପାରୀ ମାନଙ୍କ ନିଦ ହଜେଇ ଦେଇଛି । ଶୁକ୍ରବାର ବିଶେଷ ସୂତ୍ରରୁ ଖବର ପାଇ ରାତି ୧୨ଟା ସମୟରେ ଖପୁରିଆ ପଦା ନଦୀ କୂଳରୁ ଅଚାନକ ଚଢ଼ଉ କରି ୩୬୦ ଲିଟର ଦେଶୀ ମଦ ଜବତ କରିଛି । ଏହି କାରବାରରେ ସମ୍ପୃକ୍ତ ଥିବା ବିଚିତ୍ରା ନନ୍ଦ ପ୍ରଧାନଙ୍କୁ ଗିରଫ କରିଛ । ଏବେ ଚୋରା ମଦ ବେପାରୀ ମାନେ ସ୍ଥଳ ପଥ ଛାଡି ଜଳ ପଥରେ ମଦ ବେପାର ଆରମ୍ଭ କରିଛନ୍ତି । ଏହି ମଦ ସୁକିନ୍ଦା ଥାନର କଷ୍ଟିରାରୁ ବ୍ରାହ୍ମଣୀ ନଦୀରେ ଟ୍ୟୁବ ବାଉଁଶ ଭେଳା ସାହାର୍ଯ୍ୟରେ ମଦ ପହଙ୍ଗାକୁ ଆସୁଥିଲା ଅବକାରୀ ବିଭାଗ ଖପୁରିଆ ପଦା ନିକଟରେ ନଦୀରୁ ଭେଳାରେ ଆସୁଥିବା ମଦକୁ ଜବତ କରିଥିଲା ।


ଆମ ସହର, ଆମ ଶାସନ, ଆମ ଉନ୍ନତି

**ସାୟତ୍ତ ଶାସନ ଦିବସ ସମାରୋହ ୨୦୨୬**

**ରାଉରକେଲା**

ମହାଶୟା/ମହାଶୟ,

ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଅବସରରେ ସମସ୍ତ ରାଉରକେଲାବାସିଙ୍କୁ ରାଉରକେଲା ମହାନଗର ନିଗମ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ସ୍ୱାୟତ୍ତ ଶାସନ ଦିବସ-ଜନସେବା, ଜନସହଭାଗିତା ଓ ସଶକ୍ତ ସ୍ଥାନୀୟ ଶାସନର ଉତ୍ସବ । ଲୋକଙ୍କ ନିକଟରେ ଉନ୍ନୟନ ଓ ଜନସେବା ପହଞ୍ଚାଇବା ସହିତ ଏକ ସ୍ୱଚ୍ଛ, ସୁସ୍ଥ, ସୁନ୍ଦର ଓ ସୁସଂଗଠିତ ସହର ଗଠନରେ ରାଉରକେଲା ମହାନଗର ନିଗମ ସର୍ବଦା ନିଷ୍ଠାପର ଭାବେ ନିୟୋଜିତ ହୋଇ ରହିଛି ।

ଏହି ଅବସରରେ ସମସ୍ତେ ନିଜ ନିଜ ଦାୟିତ୍ୱକୁ ସଚେତନତାର ସହ ପାଳନ କରିବା ସହ ଅବୈଧ ଜବର ଦଖଲ ନିରାକରଣ, ବର୍ଜ୍ୟବସ୍ତୁ ପୃଥକୀକରଣ, ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ବର୍ଜନ, ସେପ୍‌ଟିକ୍ ଟାଙ୍କିର ଆଇନଗତ ଓ ସୁରକ୍ଷିତ ସଫେଇକୁ ଅନୁସରଣ କରି ସହରର ବିକାଶ ଓ ସ୍ୱଚ୍ଛତାରେ ସହଭାଗୀ ହେବାପାଇଁ ପ୍ରତିଜ୍ଞା ବଦ୍ଧ ହେବା ।

ଏହି ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଅବସରରେ ଜନସାଧାରଣଙ୍କ ସକ୍ରିୟ ସହଯୋଗ ଓ ପୌର ପ୍ରଶାସନର ସମନ୍ୱିତ ପ୍ରୟାସ ମାଧ୍ୟମରେ ଏକ ସ୍ୱଚ୍ଛ, ସୁନ୍ଦର, ସୁରକ୍ଷିତ ଓ ବିକଶିତ ସହର ଗଠନ ଆମ ସମସ୍ତଙ୍କର ଲକ୍ଷ୍ୟ ଓ ସଂକଳ୍ପ ହେଉ ।

**ରାଉରକେଲା ମହାନଗର ନିଗମ**



**ପୌରପରିଷଦ ବାଲେଶ୍ୱର**

**ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ-୨୦୨୬**

ବାଲେଶ୍ୱର ପୌରପାଳିକାର ୧୫୦ ବର୍ଷର ଜନସେବା, ଗୌରବମୟ ଇତିହାସ ଓ ପୌର ବିକାଶର ଯାତ୍ରାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ୧୫୦ତମ ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଅବସରରେ ବାଲେଶ୍ୱର ପୌରପାଳିକା ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି ଏବଂ ସହରର ସର୍ବାଙ୍ଗୀନ ବିକାଶ ପାଇଁ ଆପଣଙ୍କ ସହଯୋଗ ଆଶା କରୁଅଛି ।

**ନିବେଦନ:-** ୧- ପୌର ସମ୍ପତ୍ତି ଆପଣଙ୍କର, ଏହାର ରକ୍ଷଣାବେକ୍ଷଣ ଆପଣଙ୍କର ଦାୟିତ୍ୱ । ୨- ସହର ରାସ୍ତା ଏବଂ ଡ୍ରେନ୍ ଅବରୋଧ କରନ୍ତୁ ନାହିଁ ଏବଂ ଏଥିରେ ଅଳିଆ ପକାଇ ପରିବେଶ ଦୂଷିତ କରନ୍ତୁ ନାହିଁ । ୩- ସର୍ବସାଧାରଣ ସ୍ଥାନରେ ଏବଂ ରାସ୍ତାରେ ଗୃହ ପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣଙ୍କ ଯାତାୟତରେ ଏବଂ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି କରନ୍ତୁ ନାହିଁ । ୪- ନୂତନ ଗୃହ ନିର୍ମାଣ ପୂର୍ବରୁ ପୌରପାଳିକାରୁ ନକ୍ସା ଅନୁମୋଦନ କରାଇ ନିଅନ୍ତୁ । ୫- ଜଳ ନିଷ୍କାସନ ସୁରକ୍ଷିତ ଭାବେ ଡ୍ରେନ୍‌ରେ କରନ୍ତୁ ଓ ରାସ୍ତାକୁ ସଫା ରଖନ୍ତୁ । ୬- ଗୃହର ବର୍ଜ୍ୟବସ୍ତୁକୁ ପୃଥକ ଭାବେ ରଖି ପୌରପାଳିକାର BOV ଗାଡ଼ିରେ ପ୍ରଦାନ କରନ୍ତୁ । ୭- ନିୟମିତ ଭାବେ ଘର ଟିକସ, ଦୋକାନ ଲାଇସେନ୍ସ ଟିକସ, ପୌରପାଳିକା ଦୋକାନ ଗୃହ ଭଡ଼ା ପଇଠ କରି ପୌରପାଳିକାର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ । ୮- ନିଜ ବାସଗୃହ ଏବଂ ବ୍ୟବସାୟ ପ୍ରତିଷ୍ଠାନରୁ ନିର୍ଗତ ବର୍ଜ୍ୟବସ୍ତୁର ସଫଳ ପରିଚାଳନା କରିବାରେ ସହାୟକ ହୁଅନ୍ତୁ ଏବଂ ଏକ ସ୍ୱଚ୍ଛ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରନ୍ତୁ । ୯- ଯଥା ସମୟରେ ଜନ୍ମ, ମୃତ୍ୟୁ ଏବଂ ହିନ୍ଦୁ ବିବାହର ପଞ୍ଜୀକରଣ କରନ୍ତୁ ।
୧୦- ଜନସାଧାରଣଙ୍କ ପାଇଖାନା ଟାଙ୍କି ପ୍ରତି ୩ ବର୍ଷରେ ପୌରପାଳିକାର ସେସପୁଲ ଗାଡ଼ି ଦ୍ୱାରା ନିୟମ ଅନୁଯାୟୀ ସଫେଇ କରନ୍ତୁ ଏବଂ +୯୧୬୨୮୯୭୧୭୮୭୪ ଏହି ନମ୍ବରରେ ସମ୍ପର୍କ କରି ବୁକିଂ କରିପାରିବେ । ୧୧- ବାଲେଶ୍ୱର ସହରକୁ ସ୍ୱଚ୍ଛ, ନିର୍ମଳ ସ୍ୱାସ୍ଥ୍ୟକର, ସୁନ୍ଦର ଓ ସୁରକ୍ଷିତ କରି ଗଢ଼ି ତୋଳିବା ପାଇଁ ପୌରପାଳିକାକୁ ସହଯୋଗ କରନ୍ତୁ ।



ଶ୍ରୀଯୁକ୍ତ ଶିରିୟାଲ ଶୁଭ୍ର ପଟେଲ,
ଓ.ପ୍ର.ସେ
କାର୍ଯ୍ୟ ନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା



ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ସେଠୀ,
ଉପାଧ୍ୟକ୍ଷ
ବାଲେଶ୍ୱର ପୌରପାଳିକା



ଶ୍ରୀମତୀ ସବିତା ସାହୁ,
ପୌରଧ୍ୟକ୍ଷା
ବାଲେଶ୍ୱର ପୌରପାଳିକା

ଟ୍ୱିଟର ଆଇଡ଼ି balasoremunici1
ଫେସ୍‌ବୁକ୍ ଆଇଡ଼ି balasoremunicipalilty@rediffmail.com
ଇନ୍‌ଷ୍ଟାଗ୍ରାମ୍ ଆଇଡ଼ି balasoremunicipalilty



**ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଦଳା,ଗଞ୍ଜାମ**

ଦୂରଭାଷ-୦୬୮୧୦-୨୯୧୩୩୫ ଇମେଲ୍-nackodala@gmail.com

**ବିଜ୍ଞାପନ**

ପବିତ୍ର ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ଅବସରରେ କୋଦଳା ଏନ. ଏ. ସି. ସହର ବାସୀଙ୍କର ସୁଖ ସମୃଦ୍ଧି କାମନା କରିବା ସହ ଆମ ଏନ.ଏ.ସିକୁ ଏକ ସବୁଜ, ସୁନ୍ଦର ଓ ସର୍ବାଙ୍ଗୀନ ଉନ୍ନତି ସମ୍ପନ୍ନ ସହରରେ ପରିଣତ କରିବାକୁ ସବିନୟ ଅନୁରୋଧ କରୁଅଛି ।

**ନିବେଦକ**

୧. ପରିଷଦର ରାସ୍ତା, ନାଳକୁ ଅବରୋଧ କରନ୍ତୁ ନାହିଁ ଏବଂ ପରିଷଦର ଟିକସ ଠିକ ସମୟରେ ପୈଠ କରନ୍ତୁ । ୨ . ନିଜ ଘରର ଆଳିଆକୁ ପୃଥକୀ କରଣ କରି ପ୍ରଦାନ କରନ୍ତୁ । ୩. ବୁଲା ଗୋରୁ ଗାଈ ମାନଙ୍କୁ ରାସ୍ତା ଉପରକୁ ଛାଡନ୍ତୁ ନାହିଁ ଘରେ ବାନ୍ଧି ରଖନ୍ତୁ ।

**ଆମର ସଂକଳ୍ପ**

୧. ଖୁବ୍ ଶୀଘ୍ର ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ । ୨. ହଜ ବନ୍ଧର ଉନ୍ନତିକରଣ ସହ ବୋଟିଂ ବ୍ୟବସ୍ଥା । ୩. ମୁଖ୍ୟ ରାସ୍ତାର ପ୍ରସସ୍ତୀ କରଣ ସହ ଅନେକ କିଛି ।

ସୂର୍ଯ୍ୟ ନାରାୟଣ ନାୟକ
ଅଧ୍ୟକ୍ଷ ଓ
ସମସ୍ତ ପାରିଷଦ ବୃନ୍ଦ



**ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ**

"ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଉପଲକ୍ଷେ
ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ"

ଆମ ସହର ଆମର ଗର୍ବ ଓ ଗୌରବ
ଏହାକୁ ସଫା ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।।
"ସ୍ୱଚ୍ଛତା ହିଁ ସମ୍ମାନ"



**କାର୍ଯ୍ୟନିର୍ବାହୀ ଅଧିକାରୀ**
**ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ**



**ବିଜ୍ଞାପନ**

ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ ତରଫରୁ ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ ଓ ନିବେଦନ କରୁଛୁ କି,
୧) ସହରକୁ ପରିଷ୍କାର ପରିଛନ୍ନ ରଖନ୍ତୁ ଏବଂ ପରିବେଶ ପ୍ରଦୂଷଣ ମୁକ୍ତ କରିବା ପାଇଁ ବୃକ୍ଷ ରୋପଣ କରନ୍ତୁ । ୨) ରାସ୍ତା ଉପରେ ଘର ନିର୍ମାଣ ସାମଗ୍ରୀ ଯଥା- ବାଲି, ମାଟି, ଇଟା, ପଥର ଓ ଗୋଡ଼ି ଆଦି ପକାନ୍ତୁ ନାହିଁ । ୩) ଗୃହର ବର୍ଜ୍ୟବସ୍ତୁଗୁଡ଼ିକୁ ରାସ୍ତା ବା ନାଳିରେ ନ ପକାଇ ପରିଷଦର ଗାଡ଼ି କିମ୍ବା ଆବର୍ଜନା କୁଣ୍ଡରେ ପକାନ୍ତୁ । ୪) ପରିଷଦର ଟିକସଗୁଡ଼ିକ ଠିକ୍ ସମୟରେ ପଇଠ କରି ସହରର ସର୍ବାଙ୍ଗୀନ ଉନ୍ନତିରେ ସାହାଯ୍ୟର ହାତ ବଢ଼ାନ୍ତୁ । ୫) ପରିଷଦର ଅନୁମତି ନେଇ ନୂତନ ଗୃହ ନିର୍ମାଣ ତଥା ପୁରାତନ ଗୃହର ନବୀକରଣ କରନ୍ତୁ । ୬) ନିଜର ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ । ୭) ସହରକୁ ଏକକ ବ୍ୟବହୃତ ପଲିଥିନ ମୁକ୍ତ ସହର ଗଠନ କରିବା ପାଇଁ ପଲିଥିନ ବ୍ୟବହାର ବର୍ଜନ କରିବା । ଆସନ୍ତୁ, ମିଳିମିଶି ସଂକଳ୍ପ ନେବା ଆମ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ।

ଶ୍ରୀଯୁକ୍ତ କୁରୁକ୍ଷେତ୍ର ନାଏକ (ଓ.ରା.ସେ.)
କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ
ଖରିଆର ରୋଡ଼

ଡ. ସୋନିଆ ଜୈନ
ଅଧ୍ୟକ୍ଷା
ବିଜ୍ଞାପିତ ଅଞ୍ଚଳ ପରିଷଦ
ଖରିଆର ରୋଡ଼

ଶ୍ରୀଯୁକ୍ତ ନିଶାନ୍ତ ଡାଗା
ଉପାଧ୍ୟକ୍ଷ
ବିଜ୍ଞାପିତ ଅଞ୍ଚଳ ପରିଷଦ
ଖରିଆର ରୋଡ଼



**ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଉପଲକ୍ଷେ ବିଜ୍ଞାପିତ ଅଂଚଳ ପରିଷଦ, ଆଠଗଡ଼ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି**

**ସହରର ଉନ୍ନତି ପାଇଁ**

୧. ଆପଣଙ୍କର ପ୍ରଦତ୍ତ ଟିକସ ହିଁ ସହରର ବିକାଶ ପାଇଁ ମୂଳ ପୁଞ୍ଜି । ଏଣୁ ଠିକ୍ ସମୟରେ ଘର ଏବଂ ଆଲୋକ ଟିକସ, ଦୋକାନଘର ଭଡ଼ା, ଲାଇସେନ୍ସ ଫି ୟଜର୍ସ ଫି ପୈଠ କରନ୍ତୁ । ୨. ଜନ୍ମମୃତ୍ୟୁ ପଞ୍ଜିକରଣ ଠିକ୍ ସମୟରେ କରାଇ ନିଅନ୍ତୁ । ୩. ରାସ୍ତାକଡ଼ କିମ୍ବା ୱାର୍ଡ଼ ମାନଙ୍କରେ ଲାଗିଥିବା ବିଜୁଳିବତୀ ଓ ପାଣିକଳକୁ ଭାଙ୍ଗନ୍ତୁ ନାହିଁ । ୪. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ । ୫. ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ । ୬. ପିଲିଥିନ୍ ବ୍ୟବହାର ସର୍ବଦା ବର୍ଜନ କରନ୍ତୁ । ୭. ଦୈନନ୍ଦିନ ବର୍ଜ୍ୟବସ୍ତୁ ସଂଗୃହିତ ରଖି ପରିଷଦର କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ । ପଲିଥିନ୍ ଜରି ଓ ବ୍ୟାଗ୍ ସର୍ବଦା ବର୍ଜନ୍ କରନ୍ତୁ । ୮. ଗାଈଗୋରୁମାନଙ୍କୁ ରାସ୍ତାଉପରେ ବାନ୍ଧି ଅବରୋଧ କରନ୍ତୁ ନାହିଁ ଓ ନିଜସ୍ୱ ଗୋଶାଳାରେ ବାନ୍ଧି ରଖନ୍ତୁ । ୯. ସର୍ବସାଧାରଣ ରାସ୍ତା ଉପରେ ପଥର, ଇଟା, ବାଲି, ଗୋଡ଼ି ଇତ୍ୟାଦି ପକାଇ ରାସ୍ତା ଅବରୋଧ କରନ୍ତୁ ନାହିଁ । ଆପଣମାନଙ୍କର ଅକୁଣ୍ଠ ସାହାଯ୍ୟ, ସଦିଚ୍ଛା ଓ ସହଯୋଗ ଆମର ଏକାନ୍ତ କାମ୍ୟ ।

ବଳୟ ଦେହୁରୀ
ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଂଚଳ ପରିଷଦ, ଆଠଗଡ଼

ସସ୍ମିତା ରାଉତ
ଅଧ୍ୟକ୍ଷା, ବିଜ୍ଞାପିତ ଅଂଚଳ ପରିଷଦ, ଆଠଗଡ଼

ବି. ଶୁଭ୍ର ଶଙ୍କର ଜ୍ୟୋତି, ଉପାଧ୍ୟକ୍ଷ ଏବଂ
ସମସ୍ତ କାଉନ୍‌ସିଲର ବୃନ୍ଦ
ବିଜ୍ଞାପିତ ଅଂଚଳ ପରିଷଦ, ଆଠଗଡ଼



**ସ୍ୱାୟତ୍ତ ଶାସନ ଦିବସ -୨୦୨୬**

**ପୌରପରିଷଦ କାର୍ଯ୍ୟାଳୟ; ସୁନାବେଡା**

ସ୍ୱାୟତ୍ତ ଶାସନ ଦିବସ-୨୦୨୬ ପାଳନ ଅବସରରେ ସୁନାବେଡା ପୌର ପରିଷଦ ତାର ସମସ୍ତ ନାଗରିକ ତଥା କରଦାତା, ବୁଦ୍ଧିଜୀବୀ ଏବଂ ଅନ୍ୟାନ୍ୟ ସମସ୍ତ ଭାଇ ଓ ଭଉଣୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଉଅଛି ।

ଏ ସହର ଅପଣଙ୍କର, ଏହାର ସୁରକ୍ଷା ତଥା ସୌନ୍ଦର୍ଯ୍ୟର ରକ୍ଷଣା ବେକ୍ଷଣ ନିମନ୍ତ ସହଯୋଗର ହାତ ବଢାନ୍ତୁ । ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ପ୍ଲାଷ୍ଟିକ ମୁକ୍ତ ଏବଂ ସ୍ୱଚ୍ଛ ସହରରେ ପରିଣତ କରିବା ନିମନ୍ତେ ସଂକଳ୍ପ ନେବା ।

ଶ୍ରୀ ସୁଜିତ କୁମାର ଚୌଧୁରୀ
ନିର୍ବାହୀ ଅଧିକାରୀ
ପୌରପରିଷଦ, ସୁନାବେଡା

ଡ଼. ରାଜେନ୍ଦ୍ର କୁମାର ପାତ୍ର
ନଗରପାଳ
ପୌରପରିଷଦ, ସୁନାବେଡା

ଶ୍ରୀମତୀ ରିତୁ କଣ୍ଡା
ଉପନଗର ପାଳ
ପୌରପରିଷଦ, ସୁନାବେଡା

ସମସ୍ତ ପାରିଷଦ ବୃନ୍ଦ
ପୌରପରିଷଦ, ସୁନାବେଡା



**ନିବେଦନ**

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ବାଲିମେଳା ସହରର ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ ।

୧।। ସହରରେ ସମସ୍ତ ନାଗରିକ ମଧ୍ୟ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ ।
୨।। କୌଣସି ନାଗରିକ ନିର୍ମାଣ ସାମଗ୍ରୀ ନର୍ଦ୍ଦମା କିମ୍ବା ରାସ୍ତାରେ ପକାଇ ଅବରୋଧ କରିବେନାହିଁ ।
୩।। କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା:- ଗାଈ, ମହିଷୀ, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ ।
୪।। ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟୀ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade License) ବିଜ୍ଞାପିତ ଅଞ୍ଚଳ, ବାଲିମେଳା ଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟୀ ସ୍ଥଳରେ ଲଗାଇ ରଖିବେ ।
୫।। ପରିଷଦର ଟିକସ ଆଦି ଠିକ୍ ସମୟରେ ପୈଠ କରନ୍ତୁ ।
୬।। ପଲିଥିନ ବ୍ୟାଗ ବ୍ୟବହାର ଠାରୁ ଦୂରେଇ ରୁହନ୍ତୁ ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ, ବାଲିମେଳା

ଅଧ୍ୟକ୍ଷ
ବିଜ୍ଞାପିତ ଅଞ୍ଚଳ, ବାଲିମେଳା



**କେନ୍ଦ୍ରାପଡା ପୌର ପରିଷଦ, କେନ୍ଦ୍ରାପଡା**

ନଖିଳ ଭାରତ ସ୍ୱାୟତ୍ତ ଶାସନ ୨୦୨୬ 'ପାଳନ ଅବସରରେ କେନ୍ଦ୍ରାପଡା ପୌର ପରିଷଦ ତାହାର ସମସ୍ତ କର ଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି ।

**ନିବେଦନ:** ୧. ସହରର ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରୀ ଚାଳିତ ଅଳିଆ ଗାଡ଼ିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରି ଦିଅନ୍ତୁ । ଦିନକୁ ୨ ଥର ଆପଣଙ୍କ ଅଞ୍ଚଳକୁ ଏହି ଗାଡି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି । ଅଳିଆ ସଂଗ୍ରହ ଗାଡି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ । ୨. ରାସ୍ତା ଅବରୋଧ କରି ଇଟା, ଗୋଡି, ମାଟି କିମ୍ବା ବାଲି ରଖନ୍ତୁ ନାହିଁ । ୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ) ଗିନା, ଥାଳି ଓ କାଗଜ ନିର୍ମିତ ଚା କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି । ଏସବୁ ବ୍ୟବହାର କରୁଥିବାର ଦେଖାଗଲେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ । ଏଣୁ ଏ ସବୁ ବ୍ୟବହାର ନକରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ । ୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧି ୧୫ ଅନ୍ତର୍ଗତ ଆଇନ୍ ଭାଗ ୬ ଅନୁଯାୟୀ ୟୁଜର ଫି ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛ ସାଥି, ସୁପର ଭାଇଜର, ସ୍ୱଚ୍ଛ କର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଭବକେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି । ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫିକୁ ପୌରସଂସ୍ଥାର କର୍ମଚାରୀଙ୍କ ନିକଟରେ ପୈଠ କରି ପୌର ପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ । ୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌର ସଂସ୍ଥାର ଗୃହର ନକ୍ସା ଅନୁମୋଦନ କରି ନିଅନ୍ତୁ । ଯଦି ପୂର୍ବରୁ ପୌର ସଂସ୍ଥାର ବିନା ଅନୁମୋଦନ ଘର ନିର୍ମାଣ କରିସାରିଛନ୍ତି, ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ୍ ଅନୁମୋଦନ କରିନିଅନ୍ତୁ ।

ଶ୍ରୀଯୁକ୍ତ ତ୍ରିନାଥ ବେହେରା
ନିର୍ବାହୀ ଅଧିକାରୀ

ଆକବରୀ ଖାତୁନ
ଉପାଧ୍ୟକ୍ଷା

ଶ୍ରୀମତୀ ସରିତା ସାହୁ
ଅଧ୍ୟକ୍ଷା



**ପୌର ପରିଷଦ କାର୍ଯ୍ୟାଳୟ : ରାୟଗଡ଼**

**ସର୍ବସାଧାରଣ ନିମନ୍ତେ ସୂଚନା**

ଏତଦ୍ୱାରା ରାୟଗଡ଼ ପୌରାଞ୍ଚଳ ସମସ୍ତ ଜନସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି କି,
●ରାୟଗଡ଼ ସହରକୁ ସରସ ସୁନ୍ଦର କରିବା ପାଇଁ ସମସ୍ତ ରାସ୍ତା ଓ ଗଳିକୁ ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ । ● ଘରର ସମସ୍ତ ଓଦା ବା ଶୁଖୁଲା ଅଳିଆକୁ ପୃଥକ ଭାବେ ପରିଷଦର ସ୍ୱଚ୍ଛ ବାହକ ଗାଡ଼ିରେ ଦିଅନ୍ତୁ । ●ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁ ନାହିଁ । ଯଦି କରନ୍ତି ତେବେ ପରିଷଦ ଜୋରିମାନା ରାଶି ଆଦାୟ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ●ଆପଣମାନଙ୍କ ଠାରୁ ସଂଗୃହୀତ ହେଉଥିବା ଅଳିଆରୁ ଉତ୍କୃଷ୍ଟ ମାନର ଜୈବିକ ଖତ ପ୍ରସ୍ତୁତ ହେଉଅଛି । ଏହାର ଉପଯୋଗ କରନ୍ତୁ । ●ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ପ୍ଲାନ୍ ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜିକରଣ କରାଇଦିଅନ୍ତୁ । ●ବ୍ୟବସାୟୀମାନେ ନିଜର ବ୍ୟବସାୟ ପ୍ରତିଷ୍ଠାନର ନୂତନ ଟ୍ରେଡ଼ ଲାଇସେନ୍ସ ଓ ନବୀକରଣ ନିମନ୍ତେ ସୁଯୋଗ ପୋର୍ଟାଲରେ ଅନଲାଇନରେ ଆବେଦନ କରାଇ ନିଅନ୍ତୁ ଓ ବିଭିନ୍ନ ଟିକସ ଯଥା Holding Tax, User Fee, Hoarding Fee ଓ ଅନ୍ୟାନ୍ୟ ଟ୍ୟାକ୍ସ ଠିକ୍ ସମୟରେ ପୈଠ କରନ୍ତୁ । ●ଭୂମି ଅଧିକାରୀ ସାବ୍ୟସ୍ତ ନିମନ୍ତେ ଭୂମିର ସର୍ବେକ୍ଷଣ (ନକ୍ସା) କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ । ●ବାଣିଜ୍ୟିକ ପ୍ରତିଷ୍ଠାନର ପ୍ରତିଷ୍ଠାନର ସୂଚନା ଫଳକ (Display Board) ୬୦ ଭାଗ ଓଡ଼ିଆ ଭାଷାରେ ଲେଖନ୍ତୁ । ନଚେତ୍ ପରିଷଦ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଲେଖା ନ ସରିବା ପର୍ଯ୍ୟନ୍ତ ପ୍ରତିଦିନ ୫୦୦ ଶହ ଟଙ୍କା ଜୋରିମାନା ରାଶି ଆଦାୟ କରିବେ । ●ପାଇଖାନା ଟାଙ୍କି ସଫା ନିମନ୍ତେ ପରିଷଦର ସେସ୍ ପୁଲ୍ ଗାଡ଼ି ପାଇଁ ଟୋଲ୍ ଫି ନଂ ୦୬୮୫୬-୨୩୫୦୫୨ରେ ଯୋଗାଯୋଗ କରନ୍ତୁ । ●ରାସ୍ତାକଡ଼ ଡ୍ରେନକୁ ଜବରଦଖଲ କରନ୍ତୁ ନାହିଁ । ଯଦି କରନ୍ତି ତେବେ ପରିଷଦ ଉକ୍ତ ଜବରଦଖଲକୁ ଉଚ୍ଛେଦ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ । ●ପରିଷଦ ଇଲାକାରେ ଥିବା ସୈଇରାତ (ପୋଖରୀ) ଗୁଡ଼ିକୁ ପରିଷ୍କାର ରଖନ୍ତୁ ।

ଶ୍ରୀ କୁଳଦିପ କୁମାର
ନିର୍ବାହୀ ଅଧିକାରୀ
ପୌରପରିଷଦ, ରାୟଗଡ଼

ଶ୍ରୀ ପି ମହେଶ ପଟ୍ଟନାୟକ
ଅଧ୍ୟକ୍ଷ
ପୌରପରିଷଦ, ରାୟଗଡ଼



**ବୀରମିତ୍ରପୁର ପୌରପରିଷଦ**
**ବୀରମିତ୍ରପୁର**

ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଉପଲକ୍ଷେ ସହରର ସମସ୍ତ ନାଗରିକମାନଙ୍କୁ ହାର୍ଦ୍ଦିକ ଅଭିନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ବୀରମୀତ୍ରପୁର ପୌରାଞ୍ଚଳକୁ ସବୁଜ ସୁନ୍ଦର, ପ୍ରଦୂଷଣ ମୁକ୍ତ ଏବଂ ଏକ ଅଗ୍ରଗାମୀ ପୌରପରିଷଦ ରୂପେ ଗଢ଼ି ତୋଳିବା ପାଇଁ ଆପଣମାନଙ୍କର ଅକୁଣ୍ଠିତ ସହଯୋଗ ଅଛି ।

**ନିବେଦନ:-**

୧. ପୌର ପରିଷଦର ଦେୟ ତଥା ଘର ଟିକସ, ଲାଇସେନ୍ସ ଫିସ୍ ଏବଂ ଦୋକାନ ଗୃହ ଭଡ଼ା ଠିକ୍ ସମୟରେ ପରିଶୋଧ କରନ୍ତୁ ।
୨. ଘରର ଅଳିଆ ଆବର୍ଜନା ଏଣେତେଣେ ନପକାଇ ପୌରପାଳିକା ଦ୍ୱାରା ଯୋଗାଇ ଦିଆଯାଉଥିବା ଡଷ୍ଟବିନ୍‌ରେ ପକାନ୍ତୁ ।
୩. ରାସ୍ତା ଉପରକୁ ଗୋରୁ, ଗାଈ ଓ ମହିଁଷି ଛାଡନ୍ତୁ ନାହିଁ । ଦୁର୍ଘଟଣା ମୁକ୍ତ ପରିବେଶ ସୃଷ୍ଟି କରନ୍ତୁ ।
୪. ସୁଲଭ ଶୌଚାଳୟ ବ୍ୟବହାର କରନ୍ତୁ, ବାହାରେ ମଳତ୍ୟାଗ କରନ୍ତୁନାହିଁ ।
୫. ଜନ୍ମ ମୃତ୍ୟୁ ପଞ୍ଜିକରଣ ଠିକ୍ ସମୟରେ କରାଇ ନିଅନ୍ତୁ ।
୬. ଡେଙ୍ଗୁ, ମ୍ୟାଲେରିଆ ଓ ଡାଇରିଆ ପ୍ରଭୃତିରେ ନିଜର ପରିବେଶକୁ ସଫା ସୁତୁରା ରଖିବା ସଙ୍ଗେ ସଙ୍ଗେ ଉପରୋକ୍ତ ରୋଗ ଗୁଡ଼ିକ ପୌରାଞ୍ଚଳରେ ଦେଖାଦେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଯୋଗଯୋଗ କରନ୍ତୁ ।
୭. ରାସ୍ତା ଉପରକୁ ଘରର ମଇଳା ପାଣି ଛାଡନ୍ତୁ ନାହିଁ ।
୮. ପୌର ପରିଷଦ ସମ୍ପତ୍ତି ଆପଣଙ୍କର ସମ୍ପତ୍ତି, ଏହାର ଉପଯୁକ୍ତ ରକ୍ଷଣା ବେକ୍ଷଣ ଓ ସୁରକ୍ଷା କରନ୍ତୁ ।
୯. ପୌରପରିଷଦ ଅଞ୍ଚଳକୁ ପରିଷ୍କାର, ସଫାସୁତୁରା ରଖି ଏକ ସୁସ୍ଥ ପରିବେଶ ଗଠନ କରନ୍ତୁ ।

ଶ୍ରୀ ସନ୍ଦୀପ ମିଶ୍ର
ଅଧ୍ୟକ୍ଷ
ବୀରମିତ୍ରପୁର ପୌରପରିଷଦ

ଶ୍ରୀମତୀ ନିବେଦିତା ବାଗେ
ଉପାଧ୍ୟକ୍ଷା
ବୀରମିତ୍ରପୁର ପୌରପରିଷଦ

ଶ୍ରୀ ୟାସିର ବିଲାଲ ଅହମ୍ମଦ
ନିର୍ବାହୀ ଅଧିକାରୀ
ବୀରମିତ୍ରପୁର ପୌରପରିଷଦ

ଏବଂ ପରିଷଦର ସମସ୍ତ ସଭ୍ୟ ଓ ସଭ୍ୟା ବୃନ୍ଦ



**ପୌର ପରିଷଦ, କୋରାପୁଟ**

**ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ପାଳନ ଅବସରରେ କୋରାପୁଟ ପୌର ପରିଷଦ ତରଫରୁ ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ**

ସ୍ୱଚ୍ଛ କୋରାପୁଟ ସୁନ୍ଦର କୋରାପୁଟ

- ନିଜ ଦୋକାନ/ବାଣିଜ୍ୟିକ ପ୍ରତିଷ୍ଠାନର ନାମ ଫଳରେ ଓଡ଼ିଆ ଭାଷା ଲିପି ବ୍ୟବହାର କରନ୍ତୁ ।
- ରାସ୍ତା କଡ଼ ଖାଲି ଜାଗା, ନାଳ ଆଦିକୁ ଅବରୋଧ କରନ୍ତୁନାହିଁ ।
- ଗୃହ ନିର୍ମାଣ ପୂର୍ବରୁ ଗୃହ ନକ୍ସାକୁ ପରିଷଦ ଠାରୁ ଅନୁମୋଦନ କରାଇ ନିଅନ୍ତୁ ।
- ପରିଷଦର ଗୃହ ଟିକସ, ଦୋକାନ ଭଡ଼ା, ବ୍ୟବସାୟୀଙ୍କ ବିଜ୍ଞାପନ ଫଳକ ଓ ଅନ୍ୟାନ୍ୟ ଟିକସ ଠିକ୍ ସମୟରେ ପୈଠ କରନ୍ତୁ ।
- ନିଜ ନିଜ ବ୍ୟବସାୟର ଟ୍ରେଡ୍ ଲାଇସେନ୍ସ କରାଇ ନିଅନ୍ତୁ ।
- ଘରୁ ବାହାରୁଥିବା ଅଳିଆ ଓ ଆବର୍ଜନା ନାଳ/ରାସ୍ତା କଡ଼ରେ ପକାନ୍ତୁ ନାହିଁ । ସେଗୁଡ଼ିକୁ ପରିଷଦର ଆବର୍ଜନା ସଂଗ୍ରହ ଗାଡ଼ିରେ ଦିଅନ୍ତୁ ।
- ପରିଷଦର ନାଳ/ରାସ୍ତା/ସରକାରୀ ଜମିକୁ ଜବର ଦଖଲ କରନ୍ତୁନାହିଁ ।
- ରାସ୍ତା କଡ଼ରେ ଗୃହ ନିର୍ମାଣ ସାମଗ୍ରୀ ଯଥା- ବାଲି, ଇଟା, ପଥର, ଗୋଡ଼ି ଏବଂ ଗୃହ ନିର୍ମାଣ ଭଗ୍ନାବଶେଷ ଗୁଡ଼ିକ ଜମା କରି ରାସ୍ତା ଅବରୋଧ କରନ୍ତୁନାହିଁ ।
- ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରନ୍ତୁ ।
- ଯଥା ସମୟରେ ବିବାହ ପଞ୍ଜୀକରଣ କରନ୍ତୁ ।
- ନିଜ ନିଜ ଘର ବାଡ଼ିରେ, ଖାଲି ଜାଗାରେ ଗଛ ଲଗାଇ ପରିବେଶର ସୁରକ୍ଷା ଦିଗରେ ଯତ୍ନବାନ ହେବା ସହ ସହରକୁ ସବୁଜ ସୁନ୍ଦର ଗଢ଼ି ତୋଳନ୍ତୁ ।
- ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ମଧ୍ୟ ଆପଣଙ୍କର ।
- ଗୃହ ପାଳିତ ପଶୁଙ୍କୁ ରାସ୍ତାରେ ଛାଡ଼ନ୍ତୁ ନାହିଁ ।

ଆସନ୍ତୁ ଆମେ ସମସ୍ତ ଏକତ୍ର ହୋଇ କୋରାପୁଟ ସହରକୁ ପ୍ରଗତି ପଥେ ଆଗେଇ ନେବା

ଶ୍ରୀ ଜ୍ଞାନଜିତ୍ ତ୍ରିପାଠୀ
ନିର୍ବାହୀ ଅଧିକାରୀ,
ପୌର ପରିଷଦ, କୋରାପୁଟ

ଶ୍ରୀମତୀ ସବିତା ପଣ୍ଡା
ଉପାଧ୍ୟକ୍ଷା ଏବଂ
ସମସ୍ତ ପାରିଷଦ ବୃନ୍ଦ
ପୌର ପରିଷଦ, କୋରାପୁଟ

ଶ୍ରୀ ଲଲାଟ ରଞ୍ଜନ ସେଠୀ,
ଅଧ୍ୟକ୍ଷ,
ପୌର ପରିଷଦ, କୋରାପୁଟ

32 YEARS
ସମ୍ବାଦ କଳିକା

## ଆମେରିକାଠାରୁ ଜାଭେଲିନ୍ ଆଣ୍ଟି-ଟ୍ୟାଙ୍କ ମିସାଇଲ୍ କିଣିବାକୁ ଯୋଜନା କରୁଛି ଭାରତ

ଯୁଦ୍ଧକ୍ଷେତ୍ରରେ ନିଜର ଦକ୍ଷତା ପ୍ରମାଣିତ କରିସାରିଥିବା ଆମେରିକାର ଜାଭେଲିନ୍ ଆଣ୍ଟି-ଟ୍ୟାଙ୍କ ମିସାଇଲ୍ ସିଷ୍ଟମ୍ କିଣିବାକୁ ଯୋଜନା କରୁଛି ଭାରତ । ଶୁକ୍ରବାର ଭାରତରେ ଥିବା ଆମେରିକାର ରାଷ୍ଟ୍ରଦୂତ ସର୍ଜିଓ ଗୋର୍ ଏନେଇ ସୂଚନା ଦେଇଛନ୍ତି । ଏହି ଅସ୍ତ୍ର ଶତ୍ରୁପକ୍ଷର ଯାନର ମୁକାବିଲା କରିବାରେ ଭାରତୀୟ ସଶସ୍ତ୍ର ବାହିନୀର କ୍ଷମତାକୁ ଆହୁରି ମଜବୁତ କରିପାରେ । ପ୍ରସ୍ତାବିତ ଏହି କ୍ରୟ ଭାରତର ଅସ୍ତ୍ରଭଣ୍ଡାରରେ ଏକ ଅତ୍ୟନ୍ତ ମୋବାଇଲ୍ ଏବଂ ନିଖୁଣ ଟାର୍ଗେଟ୍ କରିପାରୁଥିବା ଆଣ୍ଟି-ଆର୍ମର ଅସ୍ତ୍ରକୁ ସାମିଲ କରିବ । ଆମେରିକା ସହ ଭାରତ ନିଜର ପ୍ରତିରକ୍ଷା ସହଯୋଗକୁ ଲଗାତାର ବଢ଼ାଉଥିବା ସମୟରେ ଏପରି ଏକ ପଦକ୍ଷେପ ସାମ୍ନାକୁ ଆସିଛି । ଏଥିସହ ଭାରତ ନିଜର ସାମରିକ କ୍ଷମତାରେ ମଧ୍ୟ ବିଭିନ୍ନତା ଆଣିବାକୁ ଉଦ୍ୟମ କରୁଛି । ଜାଭେଲିନ୍ ହେଉଛି ଜଣେ ସୈନିକ ନିଜେ ବୋହିନେଇପାରୁଥିବା ଏବଂ କାନ୍ଧରେ ରଖି ମାରିପାରୁଥିବା ଆଣ୍ଟି-ଟ୍ୟାଙ୍କ ଗାଇଡେଡ୍ ମିସାଇଲ୍ । ଆମେରିକାର ପ୍ରତିରକ୍ଷା କମ୍ପାନୀ ଲକ୍‌ହିଡ୍ ମାର୍ଟିନ୍ ଏବଂ RTX ଏହାକୁ ବିକଶିତ କରିଛନ୍ତି । ଏହାକୁ ଏଭଳି ଡିଜାଇନ୍ କରାଯାଇଛି ଯେ ଇନ୍‌ଫାଣ୍ଟ୍ରି ସୈନିକମାନେ କୌଣସି ବଡ଼ ଆଣ୍ଟି-ଟ୍ୟାଙ୍କ ପ୍ଲାଟଫର୍ମ ଉପରେ ନିର୍ଭର ନକରି ଶତ୍ରୁର ଯେକୌଣସି ଯାନ ଉପରେ ଆକ୍ରମଣ କରିପାରିବେ । ଏହାର ସବୁଠାରୁ ବଡ଼ ବିଶେଷତ୍ୱ ମଧ୍ୟରୁ ଗୋଟିଏ ହେଉଛି 'ଫାୟାର୍ ଆଣ୍ଡ ଫର୍ଗେଟ୍' କ୍ଷମତା । ଅର୍ଥାତ୍, ମିସାଇଲ୍ ଲଞ୍ଚ କରିବା ପୂର୍ବରୁ ଟାର୍ଗେଟ୍ ଲକ୍ ହୋଇଗଲେ, ମିସାଇଲ୍ ଛାଡ଼ିଥିବା ପରେ ଅପରେଟରଙ୍କୁ ଏହାକୁ ଲଗାତାର ଗାଇଡ୍ କରିବାକୁ ପଡ଼େ ନାହିଁ । ଫଳରେ ମିସାଇଲ୍ ଛାଡ଼ିବା ପରେ ସୈନିକ ତୁରନ୍ତ ନିଜ ସ୍ଥାନ ବଦଳାଇ ସୁରକ୍ଷିତ ସ୍ଥାନକୁ ଯାଇପାରିବେ । ଏହି ଜାଭେଲିନ୍ ଟ୍ୟାଙ୍କରୁ ଉପରୁ ମଧ୍ୟ ଆକ୍ରମଣ କରାଯାଇପାରିବ । ଏହାକୁ 'ଟପ୍-ଆଟାକ୍' ଫିଚର୍ କୁହାଯାଏ । ଏହି କ୍ଷମତା ଟ୍ୟାଙ୍କ କିମ୍ବା ଅନ୍ୟାନ୍ୟ ଯାନର ଉପରି ଅଂଶ ତୁଳନାମୂଳକ ଦୁର୍ବଳ ସ୍ଥାନକୁ ଟାର୍ଗେଟ୍ କରିବାର ସୁଯୋଗ ଦିଏ । ଏହା ବ୍ୟତୀତ ନିର୍ଦ୍ଦିଷ୍ଟ କିଛି ଟାର୍ଗେଟ୍ ବିରୋଧରେ ଏହାକୁ ଡାଇରେକ୍ଟ-ଆଟାକ୍ ମୋଡରେ ମଧ୍ୟ ବ୍ୟବହାର କରାଯାଇପାରିବ । ଏହି ମିସାଇଲରେ ଏକ ଇମେଜିଂ ଇନ୍‌ଫ୍ରାରେଡ୍ ସିକର୍ ବ୍ୟବହାର କରାଯାଇଛି । ଯୁଦ୍ଧକ୍ଷେତ୍ରର ବିଭିନ୍ନ ପରିସ୍ଥିତିରେ କାମ କରିପାରିବା ଭଳି ଏହାକୁ ଡିଜାଇନ୍ କରାଯାଇଛି । ଫଳରେ ଟ୍ୟାଙ୍କ ଓ ଅନ୍ୟ ଶତ୍ରୁ ବିପଦର ମୁକାବିଲା କରିବାରେ ପଦାତିକ ସୈନିକମାନଙ୍କୁ ଅଧିକ ବିକଳ୍ପ ମିଳିଥାଏ । ଜାଭେଲିନ୍ ମିସାଇଲ୍‌ର ବିଭିନ୍ନ ଯୁଦ୍ଧରେ ବ୍ୟାପକ ବ୍ୟବହାର ହୋଇଛି । ଶତ୍ରୁ ଯାନ ବିରୋଧରେ ଏହାର ପ୍ରଭାବଶାଳୀ କ୍ଷମତା ପାଇଁ ଏହା ବେଶ୍ ଚର୍ଚ୍ଚିତ । ବିଶେଷକରି ୟୁକ୍ରେନ୍ ଯୁଦ୍ଧରେ ଏହାର ବ୍ୟବହାର ଆଧୁନିକ ଯୁଦ୍ଧରେ ପୋର୍ଟେବଲ୍ ଆଣ୍ଟି-ଟ୍ୟାଙ୍କ ଅସ୍ତ୍ରର ଗୁରୁତ୍ୱକୁ ସାମ୍ନାକୁ ଆଣିଛି । ଭାରତ ପାଇଁ ଏହି ମିସାଇଲ୍ ସିଷ୍ଟମ୍ ଦେଶରେ ତିଆରି ଓ ଆମଦାନୀ ହେଉଥିବା ଅନ୍ୟ ଆଣ୍ଟି-ଟ୍ୟାଙ୍କ ଅସ୍ତ୍ର ସହିତ ମିଶି ଆଣ୍ଟି-ଆର୍ମର କ୍ଷମତାରେ ଆଉ ଏକ ସ୍ତର ଯୋଡ଼ିପାରେ । ଭାରତର ଦୀର୍ଘ ଓ କଠିନ ସୀମାକୁ ଦୃଷ୍ଟିରେ ରଖି ଏହି ଅସ୍ତ୍ର ଭାରତୀୟ ସ୍ଥଳସେନା ପାଇଁ ବିଶେଷ ଗୁରୁତ୍ୱ ବହନ କରିପାରେ । ସୀମାନ୍ତ କ୍ଷେତ୍ରରେ ମୋବାଇଲ୍ ଇନ୍‌ଫାଣ୍ଟ୍ରି ୟୁନିଟଗୁଡ଼ିକୁ ଶତ୍ରୁ ବିପଦର ଦ୍ରୁତ ମୁକାବିଲା କରିବାକୁ ପଡ଼ିପାରେ । ଭାରତ ଓ ଆମେରିକା ନିଜର ପ୍ରତିରକ୍ଷା ଓ ରଣନୈତିକ ସହଯୋଗକୁ ଆହୁରି ମଜବୁତ କରିବାକୁ ଉଦ୍ୟମ କରୁଥିବା ବେଳେ ଜାଭେଲିନ୍ କିଣିବାର ପ୍ରସ୍ତାବ ଏପରି ସମୟରେ ଆସିଛି । ତେବେ ଏହି ପ୍ରସ୍ତାବିତ କ୍ରୟରେ କେତେ ସଂଖ୍ୟକ ମିସାଇଲ୍ କିଣାଯିବ ଏବଂ ଏଥିପାଇଁ କେତେ ଟଙ୍କା ଖର୍ଚ୍ଚ ହେବ, ସେନେଇ ଏଯାବତ୍ ଦୁଇ ଦେଶ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ । ଭାରତୀୟ ପଦାତିକ ସେନାର ଆଣ୍ଟି-ଆର୍ମର କ୍ଷମତାକୁ ମଜବୁତ କରିବା ଉପରେ ପୂର୍ବରୁ ମଧ୍ୟ ଆଲୋଚନା ହୋଇଆସୁଛି । ଏହି କ୍ରୟ ଭାରତୀୟ ସେନାକୁ ଏକ ଆଧୁନିକ ଆମେରିକୀୟ ଆଣ୍ଟି-ଟ୍ୟାଙ୍କ ସିଷ୍ଟମ୍‌ର ସୁବିଧା ଦେବା ସହ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ଶିଳ୍ପ କ୍ଷେତ୍ରରେ ଅଧିକ ସହଯୋଗର ନୂଆ ସୁଯୋଗ ମଧ୍ୟ ସୃଷ୍ଟି କରିପାରେ । ତେଣୁ ଭାରତର ସମ୍ଭାବ୍ୟ ଜାଭେଲିନ୍ ଅଧିଗ୍ରହଣ ଦୁଇଟି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଗୋଟିଏ ପଟେ ଏହା ଭାରତର ଯୁଦ୍ଧକ୍ଷେତ୍ରର ଆଣ୍ଟି-ଆର୍ମର କ୍ଷମତାକୁ ଆହୁରି ମଜବୁତ କରିପାରେ, ଅନ୍ୟପଟେ ଭାରତ-ଆମେରିକା ମଧ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ସହଭାଗିତାକୁ ଆହୁରି ଗଭୀର କରିପାରେ ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ସନାତନ

ହେ ଶୁଦ୍ଧିଜନ ସତ୍ୟ ହିଁ ସନାତନ,ସତ୍ୟ ହିଁ ଧର୍ମ,ସତ୍ୟ ହିଁ ଶିଷ୍ୟର ଭୂଷଣ,ସତ୍ୟ ହିଁ ଭକ୍ତର ଭକ୍ତି,ସତ୍ୟ ହିଁ ଅହିଂସା ରୂପକ ଅଗ୍ନି । ସତ୍ୟ ହିଁ ଶାଶ୍ୱତ । ସତ୍ୟ ହିଁ ସାହିତ୍ୟ,ସତ୍ୟ ହିଁ ନାରାୟଣ । ସତ୍ୟ ହିଁ ଧ୍ରୁବ । ସତ୍ୟ ହିଁ ବିବେକ,ସତ ହିଁ ବ୍ୟକ୍ତିର ବ୍ୟକ୍ତିତ୍ୱ,ସତ୍ୟ ହିଁ ଗୀତା,ଭାଗବତ,ବେଦ,ପୁରାଣକୁ ସ୍ୱୀକୃତି ଦେଇଛି । ସତ୍ୟ ହିଁ ଚୈତନ୍ୟ ତେଣୁ ସବୁବେଳେ କୁହେ ଯାହାର ନାହିଁ ଆୟତ୍ତନ,ତାହାର ନାମ ସନାତନ । ତେଣୁ ସତ୍ୟର ଆୟତ୍ତନ ନାହିଁ । ସତ୍ୟ ହିଁ ଗୁରୁ,ସତ୍ୟ ହିଁ ପ୍ରେମ,ସତ୍ୟହିଁ ସକଳ ସୃଷ୍ଟିର ରହସ୍ୟ,ତେଣୁ ହେ ଭକ୍ତ ହେ ଶିଷ୍ୟ ସତ୍ୟ ହିଁ ସାର,ସତ୍ୟ ହିଁ ନିର୍ଜୀବ କୁ ସଜୀବ କରିଥାଏ । ସତ୍ୟ ହିଁ ମାନବ ସମାଜର ଯେଉଁ ଦିନ ମୂଳମନ୍ତ୍ର ହେବ,ସେହିଦିନ ଜାଣିବ ଯେ ରାମରାଜ୍ୟ ଜଗତରେ ବିସ୍ତାର କରିଛି । ସତ୍ୟଯୁଗ ପ୍ରବେଶ କରିଛି । ସତ୍ୟ ହିଁ ଆଲୋକ,ସତ୍ୟର ଗତିକୁ ଯେ ଲକ୍ଷ୍ୟ ରଖି ଚାଲେ ସେ ହିଁ ଚତୁର । ସେ ହିଂ ଈଶ୍ୱରଙ୍କର ଭାଷାକୁ ବୁଝିପାରେ ସେହିଁ ଆତ୍ମାର ତତ୍ତ୍ୱକୁ ଉପଲବ୍ଧ କରିପାରେ । ସେହିଁ ସୃଷ୍ଟିର ନିର୍ଯ୍ୟାସ ହୋଇଥାଏ । ସେହିଁ ବିଶ୍ୱର ଅମୃତ ତେଣୁ ଅମୃତର ଅନ୍ୱେଷଣରେ ଯେ ଯାଇଛି ସେହିଁ ସୃଷ୍ଟିର ରହସ୍ୟକୁ ବୁଝିପାରିଛି । ତେଣୁ ହେ ଭକ୍ତ ସତ୍ୟକୁ ଆଧାର କରି ମାନବ ସମାଜର କଲ୍ୟାଣ କରିଚାଲିଲେ ନିଶ୍ଚୟ ବିଶ୍ୱ କଳି କବଳରୁ ଉଦ୍ଧାର ପାଇପାରିବ । ସବୁକ୍ଷେତ୍ରରେ ସବୁ ମୂହୂର୍ତ୍ତରେ ସତ୍ୟକୁ ଜାବୁଡ଼ି ଧର ନିଶ୍ଚୟ ତୁମେ ଅମର ହୋଇଯିବ । ଯିଏ ଅସତ୍ୟକୁ ଅଧାର କରିଥାଏ ସେ ବିଷୟାରୂପକ ବିଷକୁ ଗ୍ରାସ କରି ଜଗତରୁ ନିଶ୍ଚିହ୍ନ ହୋଇଯାଏ । ଆଉ ଯେ ସତ୍ୟକୁ ଆଧାର କରି ଚାଲେ ସେ ଅମୃତକୁ ଭକ୍ଷଣ କରି ଅମର ହୋଇଯାଏ ଏହି ବିଶ୍ୱରେ । ହରି ଓଁ ।

◆◆

# ଉତ୍କର୍ଷ ମାତୃଭାଷା : ଜାତିର ମହାର୍ଘ ସାଂସ୍କୃତିକ ନିଦର୍ଶନ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଜାତିସ୍ମର, ମାତୃଭାଷା ପ୍ରେମ ପ୍ରୀତି ଆର୍ଦ୍ର ଗଂଗାଧର ମେହେର। ମାତୃଭୂମି, ମାତୃଭାଷାର ଉନ୍ନତି କଳ୍ପେ ତାଙ୍କର ସାରା ଜୀବନ ଉତ୍ସର୍ଗୀକୃତ। ଗୋଟେ ଜାତିର ସାଂସ୍କୃତିକ ଚେକର ନମୁନା ତା'ର ଭାଷା ତା'ର ମାନ, ମହତ, ଯଶ, କୀର୍ତ୍ତି, ଖ୍ୟାତି- ସବୁ ସେଇ ଭାଷାକୁ ନେଇ। ଏ କଥାକୁ ମର୍ମେ ମର୍ମେ ଅନୁଭବ କରିଥିଲେ ଗଂଗାଧର। କିନ୍ତୁ ପ୍ରାକ୍ ସ୍ୱାଧୀନତା କାଳୀନ ଓଡ଼ିଆ ଜାତି ପାଇଁ ଥିଲା ବହୁ ବିପତ୍ତି। ଇଂରାଜୀ ଭାଷା, ପାଶ୍ଚାତ୍ୟ ଚଳଣିରେ ମୋହ ଗ୍ରସ୍ତ, ଦିଗହଜା, ବାଟବଣା ମୁଷ୍ଟିମେୟ ଓଡ଼ିଆଏ, ଅଣଦେଖା କଲେ ଆପଣା ଭାଷା ସାହିତ୍ୟକୁ, ଭୁଲିଲେ ମହାର୍ଘ ସଂସ୍କାର, ସଂସ୍କୃତିକୁ; ଯାହା ମ୍ରିୟମାଣ କଲା ବହୁ ଜାତିପ୍ରେମୀ, ଭାଷାପ୍ରେମୀଙ୍କୁ। ଫଳତଃ ସାହିତ୍ୟର ବିଭିନ୍ନ ବିଭାଗରେ ଅନୁରଣିତ ହେଲା ଉଦ୍‌ବୋଧନର ଗୁରୁଗମ୍ଭୀର ସ୍ୱର। ତାହା କବିତାକୁ ମତାଇଲା, ତତାଇଲା; ଜାଗରିତ କଲା ଜାତି, ଭାଷା ପ୍ରେମକୁ। ଜାତିର ଗତ ଗୌରବ, ହୃତ ଗୌରବ, ମୃତ ଗୌରବ ପୁନଃ ଜୀବିତ କରିବାରେ ସାହିତ୍ୟର ଥିଲା ମୁଖ୍ୟ ଭୂମିକା। ଓଡ଼ିଶାର ଦୁର୍ଦ୍ଦିନରେ ଯେଉଁ କେତେ ଜଣ ବାଣୀ ସାଧକ ଜାତୀୟତାବାଦୀ ସାହିତ୍ୟ ସଂରଚନା କଲେ, ତନ୍ମଧ୍ୟରେ କବି ଗଂଗାଧର ମେହେର ଅନ୍ୟତମ। ଓଡ଼ିଆ ଜାତିର ଭାଷାକୈନ୍ଦ୍ରିକ ସଂକଟ ତାଙ୍କୁ ମ୍ରିୟମାଣ କଲା। ସେ ତଟସ୍ଥଭାବେ ଦେଖିଲେ ସାଂସ୍କୃତିକ ଅବକ୍ଷୟକୁ, ସ୍ୱତଃ ତାଙ୍କ ଲେଖନୀରୁ ଝରିଲା ଉଦ୍‌ବୋଦନ (୧୯୧୮) କବିତା। ଏଥିରେ ସେ ଶୁଣାଇଲେ ଉତ୍ସାହ ବାଣୀ; ଏ ଜାତିକୁ ଆଗୁଆ ସତର୍କ କଲେ। ତାଙ୍କ କବିତାଟି ସାରମର୍ମ ଅତୀବ ହୃଦୟସ୍ପର୍ଶୀ। ତନ୍ମଧ୍ୟରୁ କେତୋଟି ପଂକ୍ତି ଏଠାରେ ଉଦ୍ଧାର କରାଗଲା- "ଯା' ଭାଷା ଦୁର୍ବଳା କାହିଁ ତା'ର ସ୍ଥାନ ? / କାହିଁ ତା'ର ରାଜ ଦୁଆରେ ସମ୍ମାନ ? / ଉଚ୍ଚହେବା ପାଇଁ କର ଯେବେ ଆଶା / ଉଚ୍ଚକର ଆଗେ ନିଜ ମାତୃ ଭାଷା"। ସେହି ମହାନ ସାଧକ ଗଂଗାଧରଙ୍କ ସ୍ୱନକ୍ଷତ୍ର ଦିବସ ଶ୍ରାବଣ ପୂର୍ଣ୍ଣିମାରେ। ବରଷକୁ ଥରଟିଏ ହେଲେବି ଚେଇଁ ଉଠେ ଏ ଜାତି। ତା'ର ପ୍ରାଣ, ରକ୍ତରେ ଛୁଟେ ମାତୃଭାଷାର ମମତ୍ୱବୋଧ; ଉଜ୍ଜୀବିତ ହୁଏ ଓଡ଼ିଆର ଅସ୍ମିତା ଟିକକ, ଉଦ୍ଦୀପିତ ହୋଇ ଯାଏ ଜନ-ଚେତନା।

ଶ୍ରାବଣ ପୁନେଇଁ। ରୋହିଣୀ ନନ୍ଦନ ପ୍ରଭୁ ଶ୍ରୀବଳଭଦ୍ରଙ୍କର ଜନ୍ମ ଦିବସ। ଓଡ଼ିଶାର ଧର୍ମୀୟ ଜୀବନ ଚଳଚଞ୍ଚଳ। ପାଳିତ ହୁଏ ରକ୍ଷାବନ୍ଧନ ପର୍ବ। ସେଇ ପୁନେଇଁ ତିଥି, ଶନିବାର (୦୯.୦୮.୧୮୬୨)। ସମ୍ବଲପୁର ବରପାଲି ଗାଁ, ପିତା ଚୈତନ୍ୟ ମେହେର, ମାତା ସେବତୀ ଦେବୀଙ୍କ କୋଳ, ପୂର୍ଣ୍ଣକଲା ଯୋଗଜନ୍ମା ଶିଶୁଟିଏ। ନାଁ ଗଂଗାଧର। ତନ୍ତୁବାୟ ପରିବାର। ପିତାଙ୍କର କବିରାଜି ବ୍ୟବସାୟ ସହିତ ଛୋଟକାଟିଆ ମହାଜନୀ କାରବାର। ପାରିବାରିକ ଦୁର୍ବଳ ଆର୍ଥିକ ସ୍ଥିତି ଅନ୍ତରାୟ ହେଲା ଗଂଗାଧରଙ୍କ ଉଚ୍ଚଶିକ୍ଷାରେ। ପାଠପଢ଼ା ପାଞ୍ଚ ଶ୍ରେଣୀରେ ଶେଷ। ସାର୍ଟିଫିକେଟରେ ସେ ସ୍ୱଳ୍ପବିଦ୍; କିନ୍ତୁ ବହୁ ଶାସ୍ତ୍ରାଧ୍ୟାୟୀ, ବିଜ୍ଞ, ପଣ୍ଡିତ। ପୁରାଣ, ଗୀତା, ଭାଗବତ, ସଂସ୍କୃତ ସାହିତ୍ୟ, ବେଦ ବେଦାନ୍ତରେ ତାଙ୍କର ଅଗାଧ ଜ୍ଞାନ। ସର୍ବୋପରି ସେଇ ପ୍ରଜ୍ଞାପୁରୁଷ ଜଣେ ଶୁଦ୍ଧ ଓଡ଼ିଆ, ସଫଳ, ସାରସ୍ୱତ ସାଧକ। ତାଙ୍କ କାବ୍ୟ କବିତା ପ୍ରକୃତିର ଚାରୁ ଚିତ୍ରଶାଳା। ଲିଖନ ଶୈଳୀ ମଧ୍ୟ ସହଜ, ସରଳ, ସାବଲୀଳ; ବହୁରସ ପ୍ରଦାୟୀ, ହୃଦୟସ୍ପର୍ଶୀ। ପ୍ରାଚ୍ୟ ସଂସ୍କୃତିର ସଫଳ ରୂପାୟନ ଘଟିଛି ତାଙ୍କ କାବ୍ୟ କବିତାରେ। ପ୍ରଣୟବଲ୍ଲରୀ, ରସରତ୍ନାକରଠାରୁ ମହାକାବ୍ୟ ତପସ୍ୱିନୀ, ଅନନ୍ୟା କାବ୍ୟ କବିତା, ଗଦ୍ୟ ରଚନା। ଏଥିରେ ପରିଲକ୍ଷିତ ଚେତନାଶୀଳ, ସଂସ୍କୃତି ସମ୍ପନ୍ନ, ଜାତି ପ୍ରେମୀ, ରୁଚିସମ୍ପନ୍ନ ଗଂଗାଧରଙ୍କର ଶିଳ୍ପୀ ପ୍ରାଣୀର ନିଖୁଣ ନିଦର୍ଶନ। ଯଥାର୍ଥରେ ସେ ସ୍ୱଭାବ କବି, ରଙ୍ଗୀ-ଜୀବ-ଗଂଗାଧର।

କବିଙ୍କ ଜନ୍ମ ଜାତି ଜୀବନର ଘଡ଼ିସନ୍ଧି ମୁହୂର୍ତ୍ତରେ। ଗୋଟେପଟେ ଫିରିଙ୍ଗି ଶାସନ ପିଷ୍ଟ ଜନଜୀବନ, ନ'ଅଙ୍କ ଦୁର୍ଭିକ୍ଷ (୧୮୬୬)ର କରାଳ ଗ୍ରସ୍ତ ଓଡ଼ିଶା, ଆର୍ଥିକ ସ୍ଥିତି ଧ୍ୱସ୍ତବିଧ୍ୱସ୍ତ, ସେପଟେ ବେଢ଼ି ଉପରେ କୋରଡ଼ା। ଓଡ଼ିଆ ସ୍ୱାଭିମାନ ଉପରେ କୁଠାରାଘାତ। ଦୁର୍ଭିକ୍ଷ ପ୍ରପିଡ଼ିତ ଓଡ଼ିଆଏ। ଅଣ୍ଟା ସଳଖିବା ପୂର୍ବରୁ ଚାଲିଲା ଭାଷା ବିଲୋପ ଚକ୍ରାନ୍ତ। କେତେକ ନ୍ୟସ୍ତସ୍ୱାର୍ଥ ବିଜଡ଼ିତ ବଂଗାଳୀ, ଓଡ଼ିଆକୁ ବଂଗଳାର ଉପଭାଷା କହିଲେ। ଏହାର ଅସ୍ତିତ୍ୱ ଲୋପ କରିବା ପାଇଁ ବ୍ରତୀ ହେଲେ। ସେମାନଙ୍କ ମଧ୍ୟରେ ଥିଲେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ସହ ଆଉ କେତେକ ବାଲେଶ୍ୱର ଜିଲ୍ଲାର ବଂଗାଳୀ ଜମିଦାର। ଲଢୁଆ ଓଡ଼ିଆ ପୁଅ ଭାଷା ସୁରକ୍ଷା ସଂଗ୍ରାମ ଚଳାଇଲେ। ଆଗରେ ଫକୀରମୋହନ ସେନାପତି (ବେଟାରିଂ ଲିଡ଼ର)। ରାଧାନାଥ ରାୟ, ମଧୁସୂଦନ ରାଓ ଅଙ୍ଗବଳ ଦେଲେ। କର୍ମବୀର ଗୌରୀଶଙ୍କର (ଉତ୍କଳ ଦୀପିକାର ସଂପାଦକ)ଙ୍କ ସହ ଆଉ କେତେଜଣ ଓଡ଼ିଆ ଭାଷାନୁରାଗୀ (ଓଡ଼ିଶାର ସ୍ଥାୟୀ ବଂଗବାସୀ) ଏହି ମହାସଂଗ୍ରାମକୁ ତେଜୋଦୀପ୍ତ କଲେ। ତାହାହିଁ ଥିଲା ଭାଷାସୁରକ୍ଷା ଆନ୍ଦୋଳନର ସ୍ୱର୍ଣ୍ଣିମ ଇତିହାସ। ଓଡ଼ିଆ ଭାଷାସହ ଓତପ୍ରୋତ ଜଡ଼ିତ ରଙ୍ଗଲାର ବନ୍ଦୋପାଧ୍ୟାୟଙ୍କ ସପକ୍ଷ ଯୁକ୍ତି; ଭାଷାତତ୍ତ୍ୱବିତ୍ ଜନବିମସ୍, ରେଭେନ୍‌ସା ସାହେବଙ୍କ ଅନୁକୂଳ ମନୋଭାବ; ଶେଷରେ କମ୍ପାନୀ ଶାସକ ଓଡ଼ିଆ ଭାଷାକୁ ସରକାରୀ ସ୍ୱୀକୃତି ପ୍ରଦାନ କଲେ। ଭାଷାବିଲୋପ ଚକ୍ରାନ୍ତ ପଣ୍ଡ ହେଲା। ତାହା ସ୍ୱତଃ ନିରବି ଗଲା (୧୮୭୦)।

ଠିକିଲେ ଶିଖନ୍ତି। ଏକଥାଟି ଓଡ଼ିଆମାନଙ୍କ ପାଇଁ ଶତପ୍ରତିଶତ ସତ। ଏ ଜାତି ଠିକିଲା, ତଥାପି ଶିଖିଲେ ଖୁବ୍ କମ୍ ପାଠୁଆ। ଗୋଟେ ମୁଷ୍ଟିମେୟ ଇଂରେଜ ପଢୁଆଙ୍କ ପାଇଁ ଭାଷା ସୁରକ୍ଷା ସଂଗ୍ରାମର କୌଣସି ଗୁରୁତ୍ୱ ନ ଥିଲା। ଏହା ପଶ୍ଚାତରେ ଥିଲା ଇଂରେଜଙ୍କ କୂଟନୀତି ପୂର୍ଣ୍ଣ ଶିକ୍ଷା ଯୋଜନା। ସେମାନେ ଶିକ୍ଷାକୁ ନୈତିକ କର୍ତ୍ତବ୍ୟ ଭାବେ ଗ୍ରହଣ କଲେ (୧୮୧୩); ମାତ୍ର ଲର୍ଡ ମ୍ୟାକଲେଙ୍କର ଶିକ୍ଷାନୀତି ଥିଲା ଅତୀବ ଭୟଙ୍କର। ପରିଣାମରେ ଇଂରେଜ ସରକାର ଭାରତୀୟ ଜନତାଙ୍କ ମଧ୍ୟରେ ସୃଷ୍ଟି ହେଲା ଗୋଟେ ବାବୁ ଗୋଷ୍ଠୀ। ଏମାନେ ଦେହ, ରକ୍ତରେ ଭାରତୀୟ; ମାତ୍ର ମନ, ମତ,ଗତି, ନୀତିରେ ଇଂରେଜ। ସେମାନେ ଭାଷାର ଉନ୍ନତି କରିବାତ ଦୂରର କଥା; ବରଂ ଇଂରେଜ ଚେରକୁ ଦେଶରେ ମଜବୁତ କଲେ। ଇଂରାଜୀ ଶିକ୍ଷାକୁ ଚାକିରି ମାନଦଣ୍ଡ ଭାବେ ସ୍ୱୀକୃତି ଦେଲେ ଲର୍ଡ ହାଡ଼ିଞ୍ଜି (୧୮୪୪)। ଚାଲିଲା ପ୍ରତିଯୋଗିତା, ଇଂରାଜୀ ପଠନ ପାଇଁ ଆଗ୍ରହ ବଢ଼ିଲା, ଲକ୍ଷ୍ୟ ସରକାରୀ ଚାକିରି। ଅଭିଭାବକମାନେ ମଧ୍ୟ ସେଇ ମାନସିକତାର ଶିକାର ହେଲେ, ଆପଣା ଆପଣା ପିଲାଙ୍କୁ ଇଂରାଜୀ ପଢ଼ିବାପାଇଁ ବାଧ୍ୟ କଲେ। ପିଲେ ଓଡ଼ିଆ ବହି ମାଗିଲେ ତାଙ୍କୁ ହତୋତ୍ସାହ କଲେ। ତେଣେ ମାତୃଭାଷା ପଢ଼ାଇବା ପାଇଁ ଯୋଗ୍ୟ ଓଡ଼ିଆ ଜଣେ ନଥିଲେ। ବଂଗାଳୀ ମାଷ୍ଟ୍ରେ ଯାହା ଓଡ଼ିଆ ପଢ଼ାଇଲେ; ତା'ତ ଗଂଗା ମାତାଙ୍କୁ ଜଣା । ଇଂରାଜୀ ପ୍ରେମ, ମାତୃଭାଷା ବିମୁଖ ମାନସିକତା- ଏ ଦୁଇଟି ପାଇଁ ଯେମିତି କ୍ଷେତ୍ର ପ୍ରସ୍ତୁତ ହୋଇଗଲା। ଓଡ଼ିଆ ବାବୁଙ୍କ ଇଂରାଜୀ ଛଇ, ଛଟକ; କଥା କଥାରେ ଇଂରାଜୀ, ସବୁ ବିଲାତି ବିଲାତି। ଏମାନେ ହିଁ ଆପଣାର ମାତୃଭାଷାକୁ ହେୟ ମଣିଲେ, ଫଳତଃ ଗୋଟେ ଐତିହ୍ୟ ସମ୍ପନ୍ନ ଜାତି; କ୍ରମେ ଠେଲି ହୋଇଗଲା ପୁନଃ ଏକ ସଂକଟ ଆଡ଼େ। ଗଂଗାଧର ଏ ପ୍ରକାର ଅବକ୍ଷୟକୁ ନିରୀକ୍ଷଣ କରୁଥିଲେ ଅତି ନିକଟରୁ। ଲେଖିଥିଲେ ଉପର୍ଯ୍ୟୁକ୍ତ ଉଦ୍‌ବୋଧନ ଗୀତିକା।

୧୯୧୮ ମସିହା, ସେତେବେଳକୁ ରାଧା ମଧୁ ଆରପାରିରେ, ଫକୀରମୋହନ ଆପଣା ବାଟ କାଟିଲେ, ଉତ୍କଳ ଜନନୀ ହରାଇଲା ତା'ର ସୁଯୋଗ୍ୟ ସନ୍ତାନଙ୍କୁ। ଗଂଗାଧର ହତବାକ୍ ହୋଇ ଲେଖିଲେ "ଫକୀର ମୋହନଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଉତ୍କଳ ମାତାର ରୋଦନ" କବିତା (ଜୁଲାଇ ୧୯୧୮)। ସନ୍ତାନହରା ଉତ୍କଳ ଜନନୀଙ୍କ କରୁଣ ବିଳାପ ଏହି ଶୋକ ଗୀତକାର ଅନ୍ତଃସ୍ୱର। ତାହାହିଁ ଗଂଗାଧରଙ୍କ ଆତ୍ମାର ଗାଥା। ଅତି ବିକଳରେ ସେ ଗାଇଲେ, "ମୋ ରାଧା, ମଧୁ ଗଲେ କେଉଁ ବିଦେଶ / ଦେଲେତ ନାହିଁ ଆଜି ଯାଏ ସନ୍ଦେଶ / ତୁହିକି ସେହି ଦେଶେ ଗଲୁରେ ଚାଲି / ପାରିଲି ନାହିଁ ତୋ'ର ପଥ ଓଗାଳିରେ / ତାଙ୍କ ବିରହ ଦଗ୍ଧ ହେଲେ ମୋ ପ୍ରାଣ / କରୁ ଯେ ଶୋକହର ସଂଗୀତ ଗାନ / ତୋ ପୋଥି ଦେଇଗଲୁ କାହାର ହସ୍ତେ / କିଏ ଗାଇବ ତୁହି ଗାଉ ଯେମନ୍ତେରେ।" ସେଇ ବରପୁତ୍ରମାନଙ୍କ ଅବର୍ତ୍ତମାନରେ ଯେଉଁ ଶୂନ୍ୟତା ସୃଷ୍ଟି ହେଲା, ତାହା ଅପୂରଣୀୟ ରହିଗଲା କାଳକାଳକୁ।

ଇଂରାଜୀ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଏକ ଭାଷା। ବିଶ୍ୱକୁ ଜାଣିବା ପାଇଁ ଏହାର ବିକଳ୍ପ ନାହିଁ; ଏଣୁ ପଠନୀୟ। କିନ୍ତୁ ସ୍ୱମାତୃଭାଷାର ଅମର୍ଯ୍ୟାଦା ଏକ ଗର୍ହିତ ଅପରାଧ। ଏ ଦୋଷଯୁକ୍ତ ହେଲେ ଅନେକ ଓଡ଼ିଆ। ଅନ୍ୟାନ୍ୟଭାଷା ମଧ୍ୟରୁ ଇଂରାଜୀ ଗୋଟିଏ। ବିଭିନ୍ନ ଭାଷା ସାହିତ୍ୟ ପରି ଇଂରାଜୀ ଅଧ୍ୟୟନ; ଏଥିରେ ପାରଦର୍ଶିତା ପାଣ୍ଡିତ୍ୟର ନମୁନା। ଏହାର ପ୍ରାୟୋଗିକ ଉପଯୋଗିତା ଅଧିକ; ମାତ୍ର ମାତୃ ଭାଷାର ତାତ୍ତ୍ୱିକ ମୂଲ୍ୟବୋଧ ଅନ୍ୟ ଭାଷାଠାରୁ ବହୁ ଉର୍ଦ୍ଧ୍ୱରେ - ଏହା ବୁଝିଲେନି ବିଲାତି ପାଠପଢୁଆ ବାବୁମାନେ। ସେମାନେ ହୃଦୟଙ୍ଗମ କରିପାରିଲେନି, ମାତୃଭାଷାପ୍ରେମ ବିଧୌତ; ବିଶେଷକରି ଭାଷାସୁରକ୍ଷା ଆନ୍ଦୋଳନର ସଂଗ୍ରାମୀମାନେ ଊଣାଅଧିକେ ଇଂରାଜୀ ଜ୍ଞାନର ଅଧିକାରୀ। ଫକୀରମୋହନ କଟକ ଗଡ଼ଗଡ଼ିଆ ଘାଟରେ ବସି ଇଂରଜୀ ଶିକ୍ଷାକଲେ, ସାହାଯ୍ୟ କଲେ ତାଙ୍କ ବନ୍ଧୁ (ଜିଲ୍ଲାସ୍କୁଲର ଦ୍ୱିତୀୟ ଶିକ୍ଷକ)। ସେତିକି ଇଂରାଜୀ ଜ୍ଞାନ ଉତ୍ତର ଜୀବନରେ ସହାୟକ ହେଲା। ଏକଥା ତାଙ୍କ ଆତ୍ମ ଚରିତରେ ଉଲ୍ଲେଖ ରହିଛି। ଗଂଗାଧର ମଧ୍ୟ କିଛି କିଛି ଇଂରାଜୀ ଶିଖିଥିଲେ। ଏ ସୁଯୋଗ ଆସିଲା ତାଙ୍କ ଅମିନ ଚାକିରି କାଳରେ। ବରପାଲି ଜମିଦାର କୃପାରାଜ ସିଂହଙ୍କ ପୁତ୍ରଙ୍କ ପାଇଁ ନିଯୁକ୍ତ ଇଂରାଜୀ ଶିକ୍ଷକ ଅକ୍ଷୟବାବୁ। ତାଙ୍କପରେ ସୂର୍ଯ୍ୟକୁମାର ମିତ୍ରଙ୍କ ଠାରୁ ସେ ଇଂରେଜ ଶିଖିଥିଲେ। ଏ ପରିପ୍ରେକ୍ଷୀରେ ଇଂରାଜୀ ପଢୁଆ ଓଡ଼ିଆ ବାବୁମାନେ ତାଙ୍କ ଠାରୁ କେଉଁ ଗୁଣରେ ବା ଅଧିକ ? ଏହା କି ସେଇ ପାଠୁଆଙ୍କୁ ବୁଝାଇବାକୁ ପଡ଼ିଥାନ୍ତା।

ସ୍ୱାଧୀନତା ପ୍ରାପ୍ତିର ଢେର୍ ବର୍ଷ ପୂରିଲା; କିନ୍ତୁ ପାଶ୍ଚାତ୍ୟ ଚଳଣି ଅନେକତ୍ର ବଦଳିଲାନି । ଭାଷାକୁ ଭିତ୍ତିକରି ଓଡ଼ିଶା ହେଲା ସ୍ୱତନ୍ତ୍ର ପ୍ରଦେଶ (୧୯୩୬)। ଏହା ଭାରତ ଇତିହାସର ପ୍ରଥମ ଘଟଣା। ସଂପ୍ରତି ଓଡ଼ିଆ ଭାଷା ପାଇଲା ଶାସ୍ତ୍ରୀୟ ମାନ୍ୟତା। ଓଡ଼ିଆଙ୍କ ମୁକ୍ତ ଆକାଶ ଛୁଇଁଲା, ଚାଲିଲା କଳ୍ପନା ଜଳ୍ପନା। କେତେ କେତେ ଅନୁଦାନ ମିଳିବ, ଗବେଷଣା କେନ୍ଦ୍ର ମାନ ଖୋଲାହେବ, ନିଯୁକ୍ତି ବଢ଼ିବ, ଭାଷାର କାହିଁ କେତେ ଉନ୍ନତି ହେବ - ଏମିତି ନାନା ବିଲୁଆ ବିଚାର। ମହାନ ସ୍ରଷ୍ଟା ସାରଳା, ବଳରାମ, ଜଗନ୍ନାଥ, ଅଚ୍ୟୁତ, ଉପେନ୍ଦ୍ର, ଅଭିମନ୍ୟୁ, ଦୀନକୃଷ୍ଣ, କବି ସୂର୍ଯ୍ୟ, ରାଧା, ମଧୁ, ଫକୀରଙ୍କ ପରି ଆହୁରି ଅନେକ ବାଣୀସାଧକ। ସେଇମାନଙ୍କ ସାରସ୍ୱତ ସାଧନା ଲାଗି ଏହା ସମ୍ଭବ ହେଲା। ହେଲେ ତାଙ୍କପରି ସମର୍ପିତ ଓଡ଼ିଆଟି ହେବାପାଇଁ ଆମର ମାନସିକତା ନାହିଁ, ତାହା ଦୁର୍ଭାଗ୍ୟର ବିଷୟ। ଆମେ ଅନେକ ନିର୍ଲ୍ଲଜ ଭାବେ ମାଗିକରି ଖବର କାଗଜ ପଢ଼ିଦେଉ, ଲକ୍ଷପତି ପାଠୁଆମାନେ ଗୋଟେ ଅଧେ ଓଡ଼ିଆ କାଗଜ କିଣନ୍ତି। ତେଲିଆ ମୁଣ୍ଡରେ ତେଲ। ଇଂରାଜୀ ପତ୍ରିକା କିଣୁ। ଆଉ ସବୁ କାଗଜ, ପତ୍ର ପତ୍ରିକା ସଂପାଦକଙ୍କର ଘରବାଡ଼ି ବନ୍ଧା, ବ୍ୟାଙ୍କରେ ଗଦା ଗଦା ଋଣ। ପେଟରେ ଓଦାକନା। କେତେ ଦିନ ବା ଏମିତି ସାହିତ୍ୟ ବେଉସା ଚାଲିବ ? ରସିକ ଗ୍ରାହକ, ପାଠକୀୟ ସହୃଦତା, ପୁସ୍ତକ, ପତ୍ରପ୍ରତିକା କ୍ରୟ ମାନସିକତା - ଏସବୁ ରହିବା ଏକାନ୍ତ ପ୍ରୟୋଜନ। ଆମେ ଇଂରାଜୀରେ ବାହାଘର, ବ୍ରତଘର ନିମନ୍ତ୍ରଣ ପତ୍ର ଲେଖୁ, ରେଳ, ବସ୍‌ରେ ଗଲେ ହାତରେ ଧରୁ ଇଂରାଜୀ କାଗଜ ବା ପତ୍ରିକାଟିଏ। ଓଡ଼ିଆର ଚିହ୍ନ ବର୍ଣ୍ଣ ନଥାଏ। ଏପ୍ରକାର ପାଠକୀୟ ରୁଗ୍ଣ ଆଚରଣ କେଉଁ ମାତୃଭାଷାକୁ ଆଗେଇ ନେଇଛି ନା ନେଇପାରିବ ? କହିଲେ କୁଳ କୁଟୁମ୍ବକୁ ଲାଜ, ନକହିଲେ କୁଳ ଭାସି ଯାଉଛି। ଶାସ୍ତ୍ରୀୟ ମାନ୍ୟତା ସତ୍ତ୍ୱେ; ଓଡ଼ିଆ ସରକାରୀ ଭାଷା ଏବେବି କାଗଜ କଲମରେ। ଏଥିପାଇଁ କ'ଣ ନିହାତି ଦରକାର ହରତାଳ, ଲୋଡ଼ା ଆନ୍ଦୋଳନ ? ଏଣୁ ଦିଗଭ୍ରଷ୍ଟ ଜାତି ପାଇଁ ଥିଲା ଗଂଗାଧରଙ୍କ ଅମରବାଣୀ - "ମାତୃଭୂମି ମାତୃ ଭାଷାରେ ମମତା/ ଯା ହୃଦେ ଜନମି ନାହିଁ / ତାଙ୍କୁ ଯେବେ ଜ୍ଞାନୀ ଗଣରେ ଗଣିବା / ଅଜ୍ଞାନ ରହିବେ କାହିଁ?" ଏକଥାକୁ ଓଡ଼ିଆପୁଅ ହେଜୁ; ମାତୃଭାଷା ବିମୁଖ ମାନସିକତା ପରିହାର କରୁ। ନିଜକୁ ଭିଜେଇ ଦଉ ମାତୃଭୂମି- ମାତୃଭାଷା- ପ୍ରୀତିରେ। ତାହାହିଁ ହେବ ମହାନ ସାରସ୍ୱତ ସାଧକ ଗଂଗାଧରଙ୍କ ପାଇଁ ଏ ଜାତିର ସର୍ବଶ୍ରେଷ୍ଠ ଭକ୍ତି ଅର୍ଘ୍ୟ।

# ଭିକ୍ଷା ଏକ ଲଜ୍ଜ୍ୟାଜନକ ପ୍ରବୃତ୍ତି



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର,
ଝାଞ୍ଜିରୀ ମଙ୍ଗଳା
କଟକ -୭୫୩୦୦୯
ମୋ: ୯୯୩୭୧୭୪୦୯୭

ମଧ୍ୟଯୁଗୀୟ ତଥା ପୂର୍ବ କାଳରେ ଭିକ୍ଷା ମାଗିବା ଏକ ଗ୍ରହଣୀୟ ବୃତ୍ତି ଭାବରେ ବିବେଚନା କରା ଯାଉଥିଲା । ଯାହା ପାରମ୍ପରିକ ସାମାଜିକ ସ୍ୱୀକୃତି ପ୍ରାପ୍ତ ହୋଇ ଅସହାୟ , ଅନାଥ , ଦଳିତ , ନିଷ୍ପେସିତ ମାନଙ୍କ ଜୀବନ ଧାରଣର ଏକ ବୃତ୍ତି ହୋଇଗଲା । ସତ କହିବାକୁ ଗଲେ 'ଭିକ୍ଷା' ସହିତ 'ବୃତ୍ତି'ର ସଂଯୋଗ ଠିକ୍ ହେଉନାହିଁ , କାରଣ ଭିକ୍ଷାକୁ ବୃତ୍ତି ନ'କହି ଏକ ଲଜ୍ଜାଜନକ ପ୍ରବୃତ୍ତିର ଆଖ୍ୟା ଦିଆଯାଇ ପାରେ । ଯଦିଓ ଭିକ୍ଷା ମାଗିବା ଏକ ଅପରାଧ, ତେବେ ଏମାନଙ୍କର ଦାରିଦ୍ର୍ୟତା ମଧ୍ୟ ଏକ ପ୍ରମୁଖ କାରଣ ଅଟେ । ବେଳେବେଳେ ଏହି ପ୍ରସଙ୍ଗରେ ଅନେକ ଆଲୋଚନା ସମାଲୋଚନା ହୋଇଥାଏ , ଅନେକ ଦରିଦ୍ର ବ୍ୟକ୍ତି ବିଶେଷ ମଧ୍ୟ ଅଛନ୍ତି ଯେଉଁମାନଙ୍କ ପାଇଁ ଏହା ଏକ ସହଜ ବୃତ୍ତିରେ ପରିଣତ ହୋଇଛି । ଭିକ୍ଷା ମାଗିବାର ସୁଚିନ୍ତିତ କଳାକୁ ନିଜର ମୁଖ୍ୟ ବୃତ୍ତି ଭାବେ ସେମାନେ ଆପଣେଇ ନେଇଛନ୍ତି। ସାରା ପୃଥିବୀ ଆଜି ଏହି ଭିକ୍ଷାବୃତ୍ତି ବିରୁଦ୍ଧରେ ସଂଗ୍ରାମରତ କିନ୍ତୁ ଭିକ୍ଷା ପ୍ରବୃତ୍ତି ବଢି ବଢି ଚାଲିଛି । କିଛି ଦେଶରେ କଠୋର ଆଇନ୍ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇ ଭିକ୍ଷା ବୃତ୍ତିରେ ଜଡିତ ଥିବା ଲୋକଙ୍କୁ ସରକାରୀ ଥଇଥାନ ଗୃହରେ ରଖାଯିବାର ବନ୍ଦୋବସ୍ତ କରାଯାଇଛି । ଏତେ ସବୁ କାର୍ଯ୍ୟକଳାପ ପରେ ମଧ୍ୟ ଭିକ୍ଷା ବୃତ୍ତିରେ ଥିବା ବ୍ୟକ୍ତି ମାନଙ୍କ ସଂଖ୍ୟା କମୁନାହିଁ । କାରଣ କିଛି ଭିକ୍ଷୁକ ମାନେ ଏହି ପ୍ରବୃତ୍ତିକୁ ଏକ ଲାଭଜନକ ବୃତ୍ତିରେ ପରିଣତ କରି ପାରିଛନ୍ତି ।

ଭିକ୍ଷୁକ କହିଲେ ଆମମାନଙ୍କ ମନ ଭିତରେ ସାଧାରଣତଃ ଛିଣ୍ଡା, ମଇଳା ପୋଷାକ ପିନ୍ଧି ଅପରିଷ୍କାର ଅପରିଚ୍ଛନ୍ନ ବେଶରେ ରାସ୍ତା କଡରେ, ମନ୍ଦିର ପାଖରେ, ରେଳ, ବସ, ଘର ଘର ବୁଲି ସାଧାରଣ ଲୋକଙ୍କୁ ହାତପାତି ଭିକ ମାଗୁଥିବା ବ୍ୟକ୍ତି ମାନଙ୍କୁ ବୁଝାଇ ଥାଏ । କିନ୍ତୁ ଏହି ମାନେ କ'ଣ ପ୍ରକୃତ ଭିକାରୀ ? କିଛି ସ୍ଥାନରେ ତୃତୀୟ ଲିଙ୍ଗୀ ମାନେ ମଧ୍ୟ ଜୋର ଜବରଦସ୍ତ ଭିକ୍ଷାବୃତ୍ତି କରୁଛନ୍ତି, ଏମାନେ ଅନେକ ସମୟରେ ବିଭିନ୍ନ ଅନୈତିକ କାର୍ଯ୍ୟରେ ମଧ୍ୟ ଲିପ୍ତ ହେବାର ନଜିର ରହିଛି । ଏମାନଙ୍କ ଛଡା ଭିକ୍ଷାବୃତ୍ତିକୁ ଆପଣେଇ ନେଇଥିବା ସଂସ୍ଥା ତଥା ଅନୁଷ୍ଠାନ ମଧ୍ୟ ରହିଛି ଯେଉଁମାନେ ସୁଚିନ୍ତିତ ଉପାୟରେ ଭିକ୍ଷା ସଂଗ୍ରହ କରନ୍ତି । ସେହି ଭିକ୍ଷାର ସଜ୍ଞା ସମୟର ସହିତ ତାଳଦେଇ ବଦଳି ଯାଇଥାଏ ଯଥା : ଦାନ, ସହାୟତା, ଆନୁଷ୍ଠାନିକ ସହଯୋଗ, କମିଶନ୍, ଲାଞ୍ଚ ଶେଷରେ ଦାଦା ବଟି । ଏହି କ୍ଷେତ୍ରରେ ଦାତା ଠାରୁ ଗ୍ରହୀତା ନିଜକୁ ଶ୍ରେଷ୍ଠ ପ୍ରତିପାଦିତ କରିଥାଏ ଏବଂ ସମୟ ସମୟରେ ଦାତା ଜୁଲମର ଶିକାର ହୋଇ ଧନ, ମାନ ସମ୍ମାନ ସହିତ ଜୀବନ ମଧ୍ୟ ଦେଇଥାଏ । ଆଙ୍ଗୁଳି ପ୍ରବେଶରୁ ବାହୁ ପ୍ରବେଶ ପରି ଭିକ୍ଷା ନିଜର ରୂପ ବଦଳାଇ ଚାଲିଛି । ସାଧାରଣ ଜନତା ଏହି ପ୍ରକାର ଭିକ୍ଷାବୃତ୍ତି ପାଇଁ ଆଜି ଚିନ୍ତିତ ହୋଇ ଗଲେଣି ।

କିଛି ଧର୍ମ ସହିତ ଭିକ୍ଷାର ସମ୍ପର୍କ ମଧ୍ୟ ଜଡ଼ିତ । ଆମେ ଯଦି ସେହି ବିଷୟରେ କିଛି ଆଲୋଚନା କରିବା ତେବେ ଜାଣି ପାରିବା । ଗୌତମ ବୁଦ୍ଧଙ୍କ ଅହିଂସା ମାର୍ଗରେ ପରିଚାଳିତ ବୌଦ୍ଧ ଧର୍ମରେ ଭିକ୍ଷା ସଂଗ୍ରହ କରି ବୌଦ୍ଧ ଭିକ୍ଷୁ ମାନେ ନିଜର ଜୀବିକା ନିର୍ବାହ କରିଥା'ନ୍ତି । ନିଜର ଅତି ସାଧାରଣ ଜୀବନ ନିର୍ବାହ ପାଇଁ ଆବଶ୍ୟକ ପଡୁଥିବା ଖାଦ୍ୟ, ଅର୍ଥ ପରମ୍ପରା ଅନୁଯାୟୀ ଭକ୍ତ ମାନଙ୍କ ଠାରୁ ଗ୍ରହଣ କରା ଯାଇଥାଏ । ଏହି ଭିକ୍ଷା ଭକ୍ତ ନିଜ ସାଧମତେ ସ୍ୱଇଚ୍ଛାରେ ବୌଦ୍ଧ ଭିକ୍ଷୁ ମାନଙ୍କୁ ଅର୍ପଣକରି ନିଜେ ଧର୍ମ ଅର୍ଜନ କରିଥାନ୍ତି । ହୁଏତ ଏହାଦ୍ୱାରା ହୃଦୟ ଭିତରେ ଦାନ ଦେବାର ଏକ ସ୍ୱତ୍ୱ ପ୍ରବୃତ୍ତ ଇଚ୍ଛା ଜାଗ୍ରତ ହୁଏ । ଏବଂ ଏହି ଦାନ ଦ୍ୱାରା ବୌଦ୍ଧ ଭିକ୍ଷୁ ମାନେ ନିଜର ଜୀବନ ନିର୍ବାହ ସହିତ ଜଗତର ମଙ୍ଗଳ ପାଇଁ ଚେଷ୍ଟିତ ଥା'ନ୍ତି । ଏଠାରେ ବୌଦ୍ଧ ଭିକ୍ଷୁ ମାନଙ୍କୁ ଭିକାରି ଆଖ୍ୟା ଦେବା ଠିକ୍ ନୁହେଁ । କାରଣ ସେମାନେ ଜଗତର କଲ୍ୟାଣ ପାଇଁ ନିଜକୁ ସମର୍ପିତ କରି ଦେଇ ଥା'ନ୍ତି ଓ ବୌଦ୍ଧ ଭିକ୍ଷୁ ମାନଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ସମାଲୋଚନା କରିବାର ପ୍ରଶ୍ନ ଉଠୁନାହିଁ । ସମାଜର କଲ୍ୟାଣ ପାଇଁ ଏକ ମହାନ ଉଦ୍ଦେଶ୍ୟ ବୌଦ୍ଧ ଧର୍ମାବଲମ୍ବୀ ମାନଙ୍କ ପାଖରେ ରହିଛି ।

ସେହିପରି ସନାତନ ଧର୍ମରେ ମଧ୍ୟ କିଛି ଧାର୍ମିକ ସମ୍ପ୍ରଦାୟ ନିଜକୁ ଭଗବାନଙ୍କ ନିକଟରେ ସମର୍ପିତ କରି ନିଜର ପ୍ରତିପୋଷଣ ପାଇଁ ଦାନ ସଂଗ୍ରହ କରିଥାନ୍ତି । ଶ୍ରୀ ଚୈତନ୍ୟ ମହାପ୍ରଭୁ , ଶ୍ରୀ କୃଷ୍ଣ ଭଗବାନଙ୍କ ଉଦେଶ୍ୟରେ ତଥା ଜନସାଧାରଙ୍କ ମଧ୍ୟରେ ସ୍ନେହ, ପ୍ରେମ, ଭାତୃଭାବ, ଭଗବତ ଚେତନାର ପ୍ରଚାର ପ୍ରସାର ପାଇଁ ଉଦିଷ୍ଟ ସମ୍ପ୍ରଦାୟର ଭକ୍ତ ମାନେ ଏହାର ଅନ୍ତର୍ଭୁକ୍ତ । ଅତୀତର ଏହି ଦାନ, ଭିକ୍ଷା, ସାହାଯ୍ୟ ବର୍ତ୍ତମାନ ଯୁଗରେ ଚାନ୍ଦାର ରୂପ ନେବାକୁ ବସିଛି । ଭାରତବର୍ଷ ତଥା ପୃଥିବୀର କୋଣ ଅନୁକୋଣରେ ଏପରି ଅନେକ ବାବା, ମାତା ଅନେକ ଛୋଟ ବଡ଼ ଆଶ୍ରମ ଖୋଲି ନିଜକୁ ସ୍ୱୟଂ ଘୋଷିତ ବାବା, ମାତା ବା ଭଗବାନଙ୍କ ଅବତାର ରୂପେ ଘୋଷଣା କରି ସାରିଛନ୍ତି । କିଛି ଛୋଟ ବଡ଼ ଚମତ୍କାରିତା ଦେଖାଇ ଆଜିକାର ସମାଜକୁ ଦାନ /ଭିକ୍ଷା ନାମରେ ଲୁଟିବାରେ ଏମାନେ ସିଦ୍ଧ ହସ୍ତ । ଏମାନଙ୍କ କବଜାରେ ଥରେ ପଡିଗଲେ ମୁକୁଳିବା କଷ୍ଟକର ବ୍ୟାପାର । ଆମ ମାନଙ୍କର ଅନ୍ଧ ବିଶ୍ୱାସ ତଥା ଅତ୍ୟଧିକ ଧାର୍ମିକ ଭୟ ଆମକୁ ଏହିପରି 'ନୀଳବର୍ଣ୍ଣ ଶୃଗାଳ' ଜାତୀୟ ବାବା ମାତା ଭିକ୍ଷୁକ ମାନଙ୍କ ପାଖକୁ ଟାଣି ନେଉଛି । ଏହି ଜାତୀୟ ବାବା ମାତା ମାନେ ନିରୀହ ଜନତାଙ୍କୁ ଭେଳିକି ଦେଖାଇ କୋଟି କୋଟି ଟଙ୍କାର ମାଲିକ ହୋଇ ପାରିଛନ୍ତି । ଆରାମ ଦାୟକ ଦାମୀ ଗାଡି, ବ୍ୟୋମଜାନ, ରାଜକୀୟ ପ୍ରସାଦ, ସୁନ୍ଦରୀ ତରୁଣୀ ଭକ୍ତ, ସେବିକା ରଖି ସ୍ୱର୍ଗର ଇନ୍ଦ୍ର ଦେବତା ତୁଲ୍ୟ ଅୟସ ଆରାମ ଜୀବନ ଯାପନ କରୁଛନ୍ତି । ଅନେକ ଅନୈତିକ କାର୍ଯ୍ୟରେ ଲିପ୍ତ ହୋଇ କିଛି ଜେଲ ମଧ୍ୟ ଭୋଗ କରୁଛନ୍ତି । ଏମାନେ ମଧ୍ୟ ଏକ ପ୍ରକାର ଭିକ୍ଷୁ ଯିଏକି ଭୟ ଦେଖାଇ ଜୋର୍ ଜବରଦସ୍ତ ଭିକ୍ଷା ଆଦାୟ କରିବାରେ ସିଦ୍ଧହସ୍ତ ।

ବର୍ତ୍ତମାନ ଯୁଗରେ ଏହିପରି ଗୋଷ୍ଠୀ ମାନଙ୍କ ପାଖରେ କୋଟି କୋଟି ଟଙ୍କା ସହିତ ସ୍ଥାବର ଅସ୍ଥାବର ସମ୍ପତ୍ତିର ତୁଳନା ନାହିଁ । କେହି କେହି ବାବା, ମାତା ପ୍ରଶାସନକୁ ମଧ୍ୟ ଚ୍ୟାଲେଞ୍ଜ କରିବାକୁ ପଛାଉ ନାହାନ୍ତି । ଏହା କି ପ୍ରକାର ଭକ୍ତି ଏବଂ କାହା ଭିକ୍ଷାରେ ଏହି ବାବା, ମାତା ମାନେ ଏତେ ପରାକ୍ରମଶାଳୀ ? ଅତୀତରେ ଜଣେ ସ୍ୱ ଘୋଷିତ ବାବା ଭାରତରୁ ପଳାୟନ କରି ଏକ ନିର୍ଜନ ଦ୍ୱୀପ କିଣି ସେଠାରେ ନିଜର ସାମ୍ରାଜ୍ୟ ବିସ୍ତାର କରି ନିଜର ଏକ ନୂତନ ଦେଶ ଘୋଷଣା କରି ନିଜର ମୁଦ୍ରା ମଧ୍ୟ ପ୍ରଚଳନ କରିଦେଇ ଥିଲେ । ପରେ ଅବଶ୍ୟ ତାଙ୍କୁ ସେହି ଦେଶର ସରକାର ନିଜ ଅକ୍ତିଆରକୁ ନେଇଗଲେ ।

ଅନେକ ଦେଶରେ ଭିକ୍ଷା ବୃତ୍ତିକୁ ସରକାର ନିଷିଦ୍ଧ ଘୋଷଣା କରିଛନ୍ତି । ଗରିବ ଭିକ୍ଷୁକ ମାନଙ୍କ ଥଇଥାନ ତଥା ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଅନେକ ସଂସ୍ଥା ଆଜି କାର୍ଯ୍ୟରତ । ଆମଦେଶରେ ଜଣେ ଜଣେ ଭିକ୍ଷୁକ ଲକ୍ଷ ପତି ହେବାର ଗୌରବ ମଧ୍ୟ ଅର୍ଜନ କରିଛନ୍ତି । ଆମ ଦେଶରେ ଅନେକ ନିୟମ କାନୁନ ଅଛି କିନ୍ତୁ ଏହିସବୁ ସମସ୍ତେ ଦେଖି ନୀରବ, ଶିଶୁ ମାନଙ୍କୁ ମଧ୍ୟ ଭିକ୍ଷା ବୃତ୍ତିରେ ନିୟୋଜିତ କରା ଯାଉଛି । ନା' କେହି ଏହା ବିରୁଦ୍ଧରେ ନିଜଆଡୁ ମାମଲା କରନ୍ତି ନା' କେହି କୋମଳମତି ଶିଶୁ ଭିକ୍ଷୁକ ମାନଙ୍କୁ ସହାୟତା ଦିଅନ୍ତି । ହୁଏତ କାଗଜ କଲମରେ ଏହା ହେଉଥିବା, କିନ୍ତୁ ପ୍ରକୃତରେ ସେମାନେ ଯେଉଁ ଅନ୍ଧକାରରେ ଥିଲେ ଆଜି ମଧ୍ୟ ସେହି ଅନ୍ଧକାରରେ ଜୀବନ ନିର୍ବାହ କରୁଛନ୍ତି ।

ଆମ ପଡୋଶୀ ରାଷ୍ଟ୍ର ଭୁଟାନରେ ଭିକ୍ଷୁକ ନାହାନ୍ତି କିନ୍ତୁ ବୌଦ୍ଧ ଭିକ୍ଷୁ ଅଛନ୍ତି । ଚୀନ୍ ଦେଶରେ ଭିକ୍ଷାବୃତ୍ତି ଏକ ଅପରାଧ, ଇଣ୍ଡୋନେସିଆରେ ଭିକ୍ଷୁକ ମାନଙ୍କୁ ଭିକ୍ଷା ଦେବା ଆଇନ୍ ବିରୁଦ୍ଧ କାର୍ଯ୍ୟ । ଯଦି ଭିକ୍ଷା ଦେବା ସମୟରେ ଆପଣ ନଜରକୁ ଆସନ୍ତି ତେବେ ଇଣ୍ଡୋନେସିଆ ସରକାରଙ୍କ ଦ୍ୱାରା ଦଣ୍ଡିତ ହୋଇ ପାରନ୍ତି । ଭିକ୍ଷା ଦେବାପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଛି, ଯଦି ଚାହାନ୍ତି ସେଠାରେ ଦାନ ଦେଇ ପାରିବେ । ଯାହାକି ପରୋକ୍ଷ ଭାବେ ଗରିବ ଲୋକଙ୍କ ସହାୟତା ନିମନ୍ତେ ଉଦ୍ଦିଷ୍ଟ । ଯୁକ୍ତରାଷ୍ଟ୍ର ଆମେରିକାକୁ ସାରା ପୃଥିବୀ ଧନୀ ଦେଶ ବୋଲି ବିବେଚନା କରେ, କିନ୍ତୁ 'ଦୀପ ତଳ ଅନ୍ଧାର' ପରି ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ଅନେକ ଭିକ୍ଷୁକ ଦେଖିବାକୁ ମିଳନ୍ତି। ୨୦୧୮ ମସିହାର ପରିସଂଖ୍ୟାନରୁ ଅନୁମେୟ ପ୍ରାୟ ୫ ଲକ୍ଷ ୫୩ ହଜାର ଗୃହହୀନ ଭିକ୍ଷୁକ ଆମେରିକାରେ ଚିହ୍ନଟ ହୋଇଥିଲେ । ଅନେକ କୃଷ୍ଣ କାୟ ଆମେରିକୀୟ ଦରିଦ୍ର ସୀମାରେଖା ତଳେ ବାସ କରୁଛନ୍ତି । ଦୂର ପର୍ବତ ସୁନ୍ଦର ପରି ଦେଖା ଯାଉଥିବା ଯୁକ୍ତରାଷ୍ଟ୍ର ଆମେରିକା ବର୍ଣ୍ଣବୈଷମ୍ୟ ଭିତରେ ଗତିକରୁଛି । କୃଷ୍ଣକାୟ ସମ୍ପ୍ରଦାୟର ଲୋକମାନେ ଆମେରିକାର ସଭ୍ୟ ସମାଜରେ ଅବହେଳିତ ହୋଇ ରହିଛନ୍ତି । ପୃଥିବୀର କୋଣ ଅନୁକୋଣକୁ ଯଦି ଯାଇ ଦେଖିବା ତେବେ ନିଶ୍ଚିତ ଭାବେ ଦଳିତ, ନିଷ୍ପେସିତ , ଅସହାୟ , ଦରିଦ୍ର ଲୋକ ନିଶ୍ଚୟ ମିଳିବେ । ଆମେରିକା, ରୁଷିଆ , ଇଂଲଣ୍ଡ , ୟୁରୋପୀୟ ଦେଶ ଗୁଡିକ ଅତି ଉନ୍ନତ ତେବେ କ'ଣ ଏଠାରେ ଭିକ୍ଷୁକ ନାହାନ୍ତି ? ଅଛନ୍ତି ଭାଇ ! ଆମ ଚର୍ମ ଚକ୍ଷୁ ଆଢୁଆଳରେ ନୀରବରେ ନିଜ ଲୁହକୁ ପିଇ ଯାଉଥିବା ଅନେକ ଦରଦୀ ନିଃସହାୟ ଅଛନ୍ତି । ସେମାନଙ୍କର ବଞ୍ଚି ରହିବାର ସଂଗ୍ରାମ କେତେ କଷ୍ଟ ଦାୟକ କେବଳ ସେହିମାନେ ହିଁ ଜାଣନ୍ତି । ଭିକ୍ଷା ବୃତ୍ତିକୁ ଲୋପ କରିବା ପାଇଁ ସମସ୍ତେ ଆଗେଇ ଆସିବା ଉଚିତ୍ ଓ ସରକାରୀ କଳରେ ଟଙ୍କାର ଅଭାବ ନାହିଁ କିନ୍ତୁ ଆନ୍ତରିକତାର ଅନେକ ଅଭାବ ରହିଛି । ଜାଣେନା ଆମର ମାନବିକତା କେବେ ଜାଗ୍ରତ ହେବ ? ଆମେ ସଭ୍ୟ, ଆମେ ନିଜ ଦେଶକୁ ନେଇ ଗର୍ବିତ କିନ୍ତୁ ଦେଶରୁ ଭିକ୍ଷାବୃତ୍ତିକୁ ସମୂଳେ ଲୋପ କରିବାକୁ ଅକ୍ଷମ । ଏହାର ଉତ୍ତର କିଏ ଦେବେ ? ସରକାର ନା ସଭ୍ୟ ସମାଜ ? ଏହା ଏକ ଜଟିଳ ପ୍ରଶ୍ନ ଏବଂ ଏହାର ଉତ୍ତର ଖୋଜି ବାହାର କରିବାକୁ ଅନେକ ସମୟ ଲାଗିବ । ସେ ଯାହା ହେଉନା କାହିଁକି ମାନବିକତା ଦୃଷ୍ଟି କୋଣରୁ ଆମେ ଭିକ୍ଷୁକ ମାନଙ୍କୁ ଆଉ ଭିକ୍ଷୁକ ହେବାକୁ ନ'ଦେଇ କର୍ମ ସଂସ୍ଥାନ ଦ୍ୱାରା କିମ୍ବା ଥଇଥାନ ଦ୍ୱାରା ସମାଜରେ ସୁନାଗରିକ ହିସାବରେ ବସ ବାସ କରିବାକୁ ସୁଯୋଗ ଦେବା ଉଚିତ୍ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





# ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଜାତୀୟ କ୍ରୀଡ଼ା ଦିବସ ପାଳିତ

ଖୋର୍ଦ୍ଧା ରୋଡ, ନ୍ୟୁଜ ବ୍ୟୁରୋ

ମହାନ ଭାରତୀୟ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମବାର୍ଷିକୀ ଅବସରରେ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ରେଳ କ୍ରୀଡ଼ା ସଂଘ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ଉତ୍ସାହର ସହ ପାଳନ କରାଯାଇଛି।

ରେଳ କର୍ମଚାରୀ, ସେମାନଙ୍କ ପରିବାରବର୍ଗ ଏବଂ ଯୁବ କ୍ରୀଡ଼ାପ୍ରେମୀମାନଙ୍କ ମଧ୍ୟରେ କ୍ରୀଡ଼ା, ଶାରୀରିକ ସୁସ୍ଥତା, ଶୃଙ୍ଖଳା ଓ ସୁସ୍ଥ ଜୀବନଶୈଳୀ ପ୍ରତି ସଚେତନତା ବୃଦ୍ଧି କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା।




ଏହି ଅବସରରେ କ୍ରିକେଟ୍, ଟେବୁଲ୍ ଟେନିସ୍, ବ୍ୟାଡମିଣ୍ଟନ୍, ଭଲିବଲ୍ ଏବଂ ଶାରୀରିକ ବ୍ୟାୟାମ ସମେତ ବିଭିନ୍ନ କ୍ରୀଡ଼ା ଓ ଶାରୀରିକ ସୁସ୍ଥତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରେଳ କର୍ମଚାରୀ, କ୍ରୀଡ଼ାବିତ୍, ପ୍ରଶିକ୍ଷକ, ପ୍ରଶିକ୍ଷାର୍ଥୀ ଏବଂ ରେଳ ପରିବାରର ସଦସ୍ୟମାନେ ଏଥିରେ ସକ୍ରିୟ ଓ ଉତ୍ସାହପୂର୍ଣ୍ଣ ଭାବେ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ କ୍ରୀଡ଼ା ମନୋଭାବ, ଦଳଗତ ଏକତା, ସହଯୋଗ ଓ ସୁସ୍ଥ ପ୍ରତିଯୋଗିତାର ଭାବନାକୁ ପ୍ରୋତ୍ସାହନ ଦିଆଯାଇଥିଲା। ଏଥିସହ ନିୟମିତ ଶାରୀରିକ ବ୍ୟାୟାମ ଓ ଶାରୀରିକ ସୁସ୍ଥତାର ଗୁରୁତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା।

ଏହି ଅବସରରେ ମେଜର ଧ୍ୟାନଚାନ୍ଦଙ୍କ ଅସାଧାରଣ କ୍ରୀଡ଼ା ପ୍ରତିଭା, ଶୃଙ୍ଖଳା ଓ ଭାରତୀୟ ହକି ପ୍ରତି ତାଙ୍କର ଅବଦାନକୁ ସ୍ମରଣ କରାଯାଇଥିଲା। ତାଙ୍କର ଗୌରବମୟ କ୍ରୀଡ଼ା ଜୀବନ ଦେଶର ଅନେକ ପିଢ଼ିର କ୍ରୀଡ଼ାବିତ୍‌ଙ୍କ ପାଇଁ ଆଜି ମଧ୍ୟ ପ୍ରେରଣାର ଉତ୍ସ ହୋଇ ରହିଛି।

ଖୋର୍ଦ୍ଧା ରୋଡ୍ ମଣ୍ଡଳର ରେଳ କ୍ରୀଡ଼ା ସଂଘ ରେଳ ପରିବାର ମଧ୍ୟରେ ଏକ ସୁଦୃଢ଼ କ୍ରୀଡ଼ା ସଂସ୍କୃତିର ବିକାଶ, ଶାରୀରିକ ସୁସ୍ଥତାର ପ୍ରସାର ଏବଂ ଉଦୀୟମାନ କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କ ପ୍ରତିଭାର ବିକାଶ ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃଦୃଢ଼ କରିଛି।

# କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ହିଂସାତ୍ମକ ମନ୍ତବ୍ୟ ଅସାମ୍ବିଧାନିକ: ଉମାବଲ୍ଲଭ ରଥ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ସର୍ବସାଧାରଣରେ ଦିଆଯାଇଥିବା ଉତ୍ତେଜନାପୂର୍ଣ୍ଣ ଓ ଧମକପୂର୍ଣ୍ଣ ବକ୍ତବ୍ୟକୁ ନେଇ ରାଜ୍ୟ ରାଜନୀତିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୁରୀର ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଏହାକୁ କଡ଼ା ଭାଷାରେ ନିନ୍ଦା କରିବା ସହ ଏହା ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସାମ୍ବିଧାନିକ ମର୍ଯ୍ୟାଦା ଉପରେ ଏକ ଗୁରୁତର ଆଘାତ ବୋଲି ଅଭିହିତ କରିଛନ୍ତି।

ଶ୍ରୀ ରଥ ପ୍ରକାଶ କରିଛନ୍ତି ଯେ, ଜଣେ ଦାୟିତ୍ୱସମ୍ପନ୍ନ କେନ୍ଦ୍ରମନ୍ତ୍ରୀ ସର୍ବସମ୍ମୁଖରେ 'ହାତ କାଟିଦେବି', 'ଜାଳିଦେବି' ଭଳି ଅପରାଧିକ ଓ ଅସାମାଜିକ ଶବ୍ଦାବଳୀ ବ୍ୟବହାର କରିବା ଅତ୍ୟନ୍ତ ଚିନ୍ତାଜନକ। ଏପରି ଭାଷା ପ୍ରୟୋଗ ଖୋଲାଖୋଲି ଭାବେ ହିଂସାକୁ ପ୍ରୋତ୍ସାହିତ କରୁଛି ଏବଂ ସମାଜରେ ଭୟର ବାତାବରଣ ସୃଷ୍ଟି କରୁଛି।

ଏହାସହ ନିକଟରେ ରାଉରକେଲା ସର୍କିଟ ହାଉସ୍ ଭଳି ସରକାରୀ ପ୍ରତିଷ୍ଠାନରେ ମନ୍ତ୍ରୀଙ୍କ ଘନିଷ୍ଠ ପ୍ରତିନିଧିଙ୍କ ନିକଟରୁ ମାରଣାସ୍ତ୍ର ଓ ବନ୍ଧୁକ ଜବତ ହେବା ଘଟଣା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଛି। ସରକାରୀ ଆବାସସ୍ଥଳୀରେ ବେଆଇନ ଅସ୍ତ୍ରଶସ୍ତ୍ର କାରବାର ଏବଂ ଅପରାଧୀଙ୍କୁ ଆଶ୍ରୟ ଦେବା ପଛରେ ଥିବା ପ୍ରଭାବଶାଳୀ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ ହେବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି।

**ପ୍ରମୁଖ ଦାବିସମୂହ:**

ଫୌଜଦାରୀ ମକଦ୍ଦମା: ସର୍ବସାଧାରଣରେ ହିଂସାତ୍ମକ ଧମକ ଦେଇଥିବାରୁ ପୋଲିସ ପ୍ରଶାସନ ତୁରନ୍ତ ଶ୍ରୀ ଓରାମଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଅଧୀନରେ ଅପରାଧିକ ଧମକ ଏବଂ ଶାନ୍ତିଭଙ୍ଗ ଉଦ୍ୟମ ଅଭିଯୋଗରେ ଏତଲା ରୁଜୁ କରୁ।

ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ: ରାଉରକେଲା ସର୍କିଟ ହାଉସରେ ଧରାପଡ଼ିଥିବା ବେଆଇନ ଅସ୍ତ୍ରଶସ୍ତ୍ର କାରବାର ସହିତ ଏହି ହିଂସାତ୍ମକ ଧମକର ସମ୍ପର୍କ ସମ୍ବନ୍ଧରେ ନ୍ୟାୟିକ କିମ୍ବା ଉଚ୍ଚସ୍ତରୀୟ ତଦନ୍ତ କରାଯାଉ।

ଇସ୍ତଫା କିମ୍ବା ବହିଷ୍କାର: ସାମ୍ବିଧାନିକ ପଦବୀର ଗାରିମା ରକ୍ଷା କରି ଶ୍ରୀ ଓରାମ ନିଜ ପଦରୁ ତୁରନ୍ତ ଇସ୍ତଫା ଦିଅନ୍ତୁ ଅଥବା କେନ୍ଦ୍ର ସରକାର ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରନ୍ତୁ। 'ଗଣତନ୍ତ୍ରରେ ବନ୍ଧୁକ ଏବଂ ଧମକର ଭାଷା କଦାପି ଗ୍ରହଣୀୟ ନୁହେଁ। ଆଇନର ଶାସନ ପ୍ରତିଷ୍ଠା ପାଇଁ ପ୍ରଶାସନ ବିନା ପକ୍ଷପାତିତାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ,' ବୋଲି ଶ୍ରୀ ରଥ ସ୍ପଷ୍ଟ କରିଛନ୍ତି।

# ଏଏମ୍/ଏନ୍‌ଏସ୍ ଇଣ୍ଡିଆ ତରଫରୁ ଯାଜପୁର ଓ କେନ୍ଦୁଝରରେ ଜରୁରୀକାଳୀନ ବନ୍ୟା ରିଲିଫ୍ ସହାୟତା ପ୍ରଦାନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ




ସମ୍ପ୍ରତି ଆସିଥିବା ବନ୍ୟା ଯୋଗୁଁ ହଜାର ହଜାର ଲୋକଙ୍କ ଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଥିବା ବେଳେ ଜରୁରୀକାଳୀନ ଆବଶ୍ୟକତା ପୂରଣ ଏବଂ ରିଲିଫ୍ ସହାୟତା ପ୍ରଦାନ ପାଇଁ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ତୁରନ୍ତ ପଦକ୍ଷେପ ନେଇ ଘଟଣାସ୍ଥଳରେ ଜରୁରୀକାଳୀନ ସହାୟତା ଯୋଗାଇ ଦେଇଛି। ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଯାଜପୁର ଜିଲ୍ଲାରେ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଯୋଗାଇ ଦେଇଛି। ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଅନୁରୋଧକ୍ରମେ ୩୦ ଟନ୍ ଗହମ ଅଟା (୧ କିଲୋଗ୍ରାମର ୩୦,୦୦୦ ପ୍ୟାକେଟ୍) ଏବଂ ୩୦ ଟନ୍ ସୁଜି (୧ କିଲୋଗ୍ରାମର ୩୦,୦୦୦ ପ୍ୟାକେଟ୍) ବଣ୍ଟନ କରାଯାଇଛି। ଧର୍ମଶାଳା ବିଧାୟକଙ୍କ ପ୍ରତିନିଧି ଶ୍ରୀମତୀ ଦେବଯାନୀ ପ୍ରଧାନଙ୍କ ଉପସ୍ଥିତିରେ ଏହି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହିତ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକରେ କମ୍ପାନୀ ପକ୍ଷରୁ ୫୦୦ଟି ଶୁଖିଲା ଖାଦ୍ୟ ପ୍ୟାକେଟ୍ ସମୁଦାୟର ନେତୃବୃନ୍ଦଙ୍କୁ ହସ୍ତାନ୍ତର କରାଯାଇଥିଲା ଯାହାକୁ ତୁରନ୍ତ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକ ମଧ୍ୟରେ ବଣ୍ଟନ କରାଯାଇଛି। ଗୁରୁତର ବନ୍ୟା ପରିସ୍ଥିତିରେ ସଂଘର୍ଷ କରୁଥିବା ପରିବାରଗୁଡ଼ିକୁ ଏହି ସହାୟତା ଅତ୍ୟାବଶ୍ୟକ ପୋଷଣ ଯୋଗାଇବାରେ ସହାୟକ ହୋଇଛି। ଏଏମ୍/ଏନ୍‌ଏସ୍ ଇଣ୍ଡିଆର ତ୍ୱରିତ ଏବଂ ସମନ୍ୱିତ ହସ୍ତକ୍ଷେପକୁ ପ୍ରଶଂସା କରି କେନ୍ଦୁଝର ସାଂସଦ ଅନନ୍ତ ନାୟକ କହିଛନ୍ତି "ଏଭଳି ମାନବିକ ପଦକ୍ଷେପ ସ୍ଥାନୀୟ ସମୁଦାୟର କଲ୍ୟାଣ ପ୍ରତି ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଦୃଢ଼ ପ୍ରତିବଦ୍ଧତା ଏବଂ କେନ୍ଦୁଝର ଜିଲ୍ଲାର ଏକ ପ୍ରମୁଖ କର୍ପୋରେଟ୍ ସହଯୋଗୀ ଭାବେ ଏହାର ଦାୟିତ୍ୱବୋଧକୁ ପ୍ରତିଫଳିତ କରୁଛି। ଏହି ସହାୟତା ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ଆଶ୍ୱସ୍ତି, ସାନ୍ତ୍ୱନା ଏବଂ ଆଶା ପ୍ରଦାନ କରିବାରେ ସହାୟକ ହୋଇଛି।" ଏହି ଦ୍ରୁତ ପ୍ରତିକ୍ରିୟାମୂଳକ ପଦକ୍ଷେପର ସଫଳତା ପଛରେ ମାଇନ୍ସ ବିଭାଗ ମୁଖ୍ୟ ଅମିତ ଦୁବେ, ସିଏସ୍‌ଆର୍ ବିଭାଗ ମୁଖ୍ୟ ଡ. ବିକାଶ ଯାଦବେନ୍ଦୁ, ହେଡ୍ -, ଇନ୍ଦ୍ରକାନ୍ତ ସାହା, ଠାକୁରାଣୀ ମାଇନ୍ସ ମ୍ୟାନେଜର, ପ୍ରୋକ୍ୟୁରମେଣ୍ଟ ଅଫିସର ରୋହିତ ପାଣ୍ଡେ ଏବଂ ୱେଲଫେୟାର ଅଫିସର ପ୍ରମୋଦ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ବିଭିନ୍ନ ବିଭାଗ ମଧ୍ୟରେ ହୋଇଥିବା ସୁସମନ୍ୱିତ ସହଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। କର୍ମଚାରୀ ସ୍ୱେଚ୍ଛାସେବକମାନେ ରେକର୍ଡ ସମୟ ମଧ୍ୟରେ ସମସ୍ତ ରିଲିଫ୍ ସାମଗ୍ରୀ ପ୍ୟାକେଜିଂ ଓ ପହଞ୍ଚାଇବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ବିଭିନ୍ନ ବିଭାଗର ଟିମ୍‌ଗୁଡ଼ିକୁ ଏକତ୍ର କରିବା ସହ ସ୍ଥାନୀୟ ସମୁଦାୟର ନେତୃବୃନ୍ଦଙ୍କ ସହ ମିଳିତ ଭାବେ କାର୍ଯ୍ୟ କରି ଏଏମ୍/ଏନ୍‌ଏସ୍ ଇଣ୍ଡିଆ ସଙ୍କଟ ସମୟରେ ସ୍ଥାନୀୟ ସମୁଦାୟ ସହ ସଦା ଠିଆ ହୋଇ ରହିବା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃପ୍ରତିପାଦିତ କରିଛି।

# କୁଆଖାଇ ବ୍ରିଜ୍‌ରେ ମର୍ମନ୍ତୁଦ ଦୁର୍ଘଟଣା : ବାଇକ୍‌କୁ ପଛରୁ ଧକ୍କା ଦେଲା କାର୍

**କଟକ, ନ୍ୟୁଜ ବ୍ୟୁରୋ**

ବିଳମ୍ବିତ ରାତିରେ ବାରଙ୍ଗ କୁଆଖାଇ ବ୍ରିଜ୍ ଉପରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ବାଇକ୍‌କୁ ପଛପଟୁ ଧକ୍କା ଦେଲା କାର। ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁସାରେ, ବିଳମ୍ବିତ ରାତିରେ ବାରଙ୍ଗ କୁଆଖାଇ ବ୍ରିଜ୍ ଉପରେ ଜଣେ ବାଇକ୍ ଚାଳକ ଯାଉଥିବା ବେଳେ ପଛପଟୁ ଆସିଥିବା ଏକ କାର ତାଙ୍କ ବାଇକ୍‌କୁ ଜୋରଦାର ଧକ୍କା ଦେଇଥିଲା । ଧକ୍କା ଏତେ ତୀବ୍ର ଥିଲା ଯେ ବାଇକ୍ ଚାଳକ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣା ସମ୍ପର୍କରେ ଖବର ପାଇ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ । ଗୁରୁତର ଆହତ ବାଇକ୍ ଚାଳକଙ୍କୁ ଉଦ୍ଧାର କରି ତୁରନ୍ତ ମେଡିକାଲରେ ଭର୍ତ୍ତି କରାଯାଇଛି । ଅନ୍ୟପଟେ, ଦୁର୍ଘଟଣା ଘଟାଇଥିବା କାରକୁ ପୁଲିସ ଜବତ କରିଛି । ଏହାସହ କାର ଚାଳକଙ୍କୁ ଅଟକ ରଖି ଦୁର୍ଘଟଣାର କାରଣ ନେଇ ଅଧିକ ତଦନ୍ତ ଜାରି ରଖିଛି ପୁଲିସ ।

# ପ୍ରେମରେ ପ୍ରତାରଣା ସହିନପାରି ଟ୍ରେନ ଆଗକୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା।

**ରାଇରଙ୍ଗପୁର, ନ୍ୟୁଜ ବ୍ୟୁରୋ**

ପ୍ରେମରେ ପ୍ରତାରଣା ସହିନପାରି ଟ୍ରେନ୍ ଆଗକୁ ଡେଇଁ ଜଣେ ଯୁବତୀ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବତୀ ଜଣକ ହେଉଛନ୍ତି ମୟୁରଭଞ୍ଜ ଜିଲ୍ଲା ତିରିଂ ଥାନା ହେଁସଡା ଗ୍ରାମର ବାସନ୍ତୀ ମୁଣ୍ଡା। ପ୍ରେମିକଙ୍କ ପରିବାର ଗ୍ରହଣ ନକରିବାରୁ ଏଭଳି ଚରମ ନିଷ୍ପତ୍ତି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ବାସନ୍ତୀ ଦୀର୍ଘ ଦିନ ଧରି ମଝିଗାଁ ଡିପାସାହିର ଅନୀଲ ମୁଣ୍ଡାଙ୍କୁ ପ୍ରେମ କରିଆସୁଥିଲେ। ମାତ୍ର ୫ ଦିନ ତଳେ ଝିଅଟି ବହୂର ସ୍ୱୀକୃତି ପାଇବା ପାଇଁ ପ୍ରେମିକ ଘରକୁ ଯାଇଥିଲେ। ହେଲେ ପ୍ରେମିକ ଅନୀଲ ମୁଣ୍ଡାଙ୍କ ପରିବାର ଲୋକେ ବାସନ୍ତୀଙ୍କୁ ବୋହୂ ଭାବେ ଗ୍ରହଣ କରିବାକୁ ମନା କରିଦେଇଥିଲେ। ଏହାକୁ ନେଇ ଦୁଇ ପରିବାର ମଧ୍ୟରେ ସାମାଜିକ ସ୍ତରରେ ଆଲୋଚନା ଚାଲିଥିଲା। ଏହି ବିବାଦ ସରିବା ପୂର୍ବରୁ ଆଜି ହଠାତ୍ ବାସନ୍ତୀ ଟାଟାନଗରରୁ ଆସୁଥିବା ପାସେଞ୍ଜର ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଖବର ପାଇ ଘଟଣାସ୍ଥଳରେ ଜିଆରପି ଏବଂ ସାଇଣ୍ଟିଫିକ ଟିମ ସହ ତିରିଂ ଥାନା ପୋଲିସ ପହଞ୍ଚିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇ ପୋଷ୍ଟମୋର୍ଟମ ପାଇଁ ରାଇରଙ୍ଗପୁର ହସ୍ପିଟାଲକୁ ପଠାଯାଇଛି। ଏନେଇ ଜିଆରପି ପକ୍ଷରୁ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ସେପଟେ ବାସନ୍ତୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ, ଏହି ମୃତ୍ୟୁ ପାଇଁ ପ୍ରେମିକ ଅନୀଲ ମୁଣ୍ଡା ଓ ତାଙ୍କ ବାପା ମଟୁ ମୁଣ୍ଡା ସମ୍ପୂର୍ଣ୍ଣ ଦାୟୀ। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ବାସନ୍ତିଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶାର ମୈଥିଳି ...

ପରିବାର ଚଳାଉଥିଲେ। ତେବେ ଇକୋ-ଟୁରିଜିମ୍ ସହ ଯୋଡ଼ି ହେବା ପରେ ତାଙ୍କ ପାଇଁ ରୋଜଗାରର ନୂଆ ସୁଯୋଗ ସୃଷ୍ଟି ହୋଇଛି। ଏହା ତାଙ୍କ ଜୀବନରେ ନୂଆ ଆଶା ଓ ସମ୍ଭାବନା ଆଣିଦେଇଛି।

ମୈଥିଳିଙ୍କ ଏହି ସଫଳତା କେବଳ ତାଙ୍କ ଜୀବନକୁ ବଦଳାଇନାହିଁ, ବରଂ ଦେବ୍ରିଗଡ଼ ଅଞ୍ଚଳର ଅନ୍ୟ ମହିଳାମାନଙ୍କୁ ମଧ୍ୟ ପ୍ରେରଣା ଦେଇଛି।ପ୍ରଧାନମନ୍ତ୍ରୀ କହିଛନ୍ତି, ଜଙ୍ଗଲ କେବଳ ଜୀବନର ନୁହେଁ, ଜୀବିକାର ମଧ୍ୟ ଆଧାର। ଜଙ୍ଗଲକୁ ସୁରକ୍ଷା ଦେବା ସହ ଏହାର ସମ୍ବଳକୁ ସୁଚାରୁ ଭାବେ ବ୍ୟବହାର କରି ମୈଥିଳି ରୋଜଗାରର ଏକ ନୂଆ ବାଟ ଦେଖାଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ...

ଓଡ଼ିଶାର ପ୍ରସିଦ୍ଧ ଭୌମକର ବଂଶର ରାଣୀ ତ୍ରିଭୁବନ ମହାଦେବୀଙ୍କ ପରି ଐତିହାସିକ ଚରିତ୍ର ସହ କଥା ହେବାର ଇଚ୍ଛା ପ୍ରକାଶ କରିଛନ୍ତି। ଏହାଦ୍ୱାରା ଓଡ଼ିଶାର ଗୌରବମୟ ଇତିହାସ ଜାତୀୟ ସ୍ତରରେ ପୁନର୍ଜୀବିତ ହୋଇ ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ବିଭିନ୍ନ କ୍ଷେତ୍ରରେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇ ସଫଳତା ହାସଲ କରୁଥିବା ଆମର ଯୁବବର୍ଗ ଅନେକ ସମୟରେ ଜାତୀୟ ସ୍ତରରେ ଲୋକଲୋଚନକୁ ଆସିପାରି ନଥାନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସେମାନଙ୍କର ଏହି ନିଷ୍ଠାପର ଉଦ୍ୟମ, ତ୍ୟାଗ ଓ ସଫଳତାକୁ ସାଉଁଟି ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି, ଯାହା ସମଗ୍ର ସମାଜ ପାଇଁ ଏକ ନୂତନ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରୁଛି। ଆତ୍ମ ନିର୍ଭର ଭାରତ ଗଠନ ପାଇଁ ଯୁବଶକ୍ତିର ସକ୍ରିୟ ସହଯୋଗ ଓ ସଠିକ୍ ମାର୍ଗଦର୍ଶନ ଅତ୍ୟନ୍ତ ଆବଶ୍ୟକ। ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକ କାର୍ଯ୍ୟ, ବକ୍ତବ୍ୟ ଓ ଚିନ୍ତାଧାରା କେବଳ ରାଷ୍ଟ୍ର ନିର୍ମାଣ ଉଦ୍ଦେଶ୍ୟରେ ସମର୍ପିତ। ଯୁବ ପ୍ରତିଭାମାନଙ୍କୁ ସ୍ୱୀକୃତି ଓ ସମ୍ମାନ ପ୍ରଦାନ କରି ସେ ସେମାନଙ୍କୁ ବିକଶିତ ଭାରତ ନିର୍ମାଣରେ ଭାଗିଦାର ହେବାକୁ ଉତ୍ସାହିତ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଖାଇଥିବା ବିକାଶ ଓ ସ୍ୱାବଲମ୍ବନର ମାର୍ଗରେ ଅଗ୍ରସର ହୋଇ ଏକ ଆତ୍ମନିର୍ଭର ତଥା ବିକଶିତ ଭାରତ ଗଠନ ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସମସ୍ତ ନାଗରିକଙ୍କୁ ଆହ୍ୱାନ ଦେଇଛନ୍ତି ।

## ଉଜବେକିସ୍ତାନର...

ସରକାର ଏବଂ ମୋର ବନ୍ଧୁ ମାନ୍ୟବର ରାଷ୍ଟ୍ରପତିଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି । ଏହି ସମ୍ମାନକୁ ଏକ ବଡ଼ ଦାୟିତ୍ୱ ବୋଲି ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତ କେବେବି ନିଜର ଦାୟିତ୍ୱରୁ ବିଚ୍ୟୁତ ହେବ ନାହିଁ ଏବଂ ଏହି ବନ୍ଧୁତ୍ୱକୁ ସମ୍ପୂର୍ଣ୍ଣ ଭାବେ ପାଳନ କରିବ। ସେ କହିଥିଲେ ଯେ ମିଳିତ ଭାବେ, ଦୁଇ ଦେଶ ବିଶ୍ୱ ଦକ୍ଷିଣର ମିଳିତ ସ୍ୱର ହେବେ ଏବଂ ଏହାର କଲ୍ୟାଣ ତଥା ସମଗ୍ର ମାନବତାର ସ୍ୱାର୍ଥ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବେ। ଦୁଇ ଦେଶର ଶତାବ୍ଦୀ ପୁରୁଣା ବନ୍ଧୁତା ଏବଂ ସହଭାଗୀ ଐତିହ୍ୟକୁ ଏହି ସମ୍ମାନ ଉତ୍ସର୍ଗ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଉଜବେକିସ୍ତାନ ରାଷ୍ଟ୍ରପତିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ଭାରତ ପ୍ରତି ତାଙ୍କର ବନ୍ଧୁତା ଦ୍ୱାରା ଦ୍ୱିପାକ୍ଷିକ ସମ୍ପର୍କ ନିରନ୍ତର ଭାବେ ସୁଦୃଢ଼ ହୋଇଛି। ସେ କହିଥିଲେ ଯେ ଏହାର ପରିଣାମ ସ୍ୱରୂପ ଆଜି ଦୁଇ ଦେଶ ମଧ୍ୟରେ ସମ୍ପର୍କ ବ୍ୟାପକ ରଣନୈତିକ ଭାଗିଦାରୀର ଏକ ନୂତନ ସ୍ତରରେ ପହଞ୍ଚିଛି। ଏହାପୂର୍ବରୁ ଉଜବେକିସ୍ତାନର ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଖୋଲାଖୋଲି ଏବଂ ଭାଇଚାରାର ଭାବନାରେ ଆୟୋଜିତ ଫଳପ୍ରଦ ଆଲୋଚନା ପାଇଁ ଧନ୍ୟବାଦ ଜଣାଇଥିଲେ।

## ୨.୭୩ ଲକ୍ଷ ...

ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ବିଇଏଲ୍, ଇସିଆଇଏଲ୍ ଏବଂ ଟିସିଏସ୍‌ର ଅଧିକାରୀମାନେ ଦିନସାରା ପରୀକ୍ଷା ପ୍ରକ୍ରିୟାର ନିକଟତର ଏବଂ ନିରନ୍ତର ତଦାରଖ କରିଥିଲେ। ପରୀକ୍ଷା ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ପାଇଁ ପଦକ୍ଷେପ ସ୍ୱରୂପ, ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପ୍ରାର୍ଥୀମାନଙ୍କର ଆଧାର-ଆଧାରିତ ପ୍ରମାଣୀକରଣ ସଫଳତାର ସହିତ କରାଯାଇଥିଲା। ସରକାରୀ ସଂସ୍ଥାଗୁଡ଼ିକ ପରୀକ୍ଷାର ସୁରକ୍ଷିତ ଏବଂ ସୁବ୍ୟବସ୍ଥିତ ପରିଚାଳନା ପାଇଁ ସେମାନଙ୍କର ପୂର୍ଣ୍ଣ ସମର୍ଥନ ପ୍ରଦାନ କରିଥିଲେ। ଦେଶବ୍ୟାପୀ ଅଧିକାଂଶ ପ୍ରାର୍ଥୀଙ୍କ ପାଇଁ ପରୀକ୍ଷା ସଫଳତାର ସହିତ ସମାପ୍ତ ହୋଇଥିବା ବେଳେ, ରାଜସ୍ଥାନର ଜୟପୁରର ଆଇଓଏନ୍ ଡିଜିଟାଲ୍ ଜୋନ୍ ଆଇଡିଜେଡ୍ ସୀତାପୁରା କେନ୍ଦ୍ର (ଟିସି ନମ୍ବର ୪୧୬୮୨ ଏବଂ ୪୧୬୮୩)ରେ ଏକ ଅପ୍ରତ୍ୟାଶିତ ଯାନ୍ତ୍ରିକ ବାଧା ସୃଷ୍ଟି ହୋଇଥିଲା, ଯେଉଁଠାରେ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଆଭ୍ୟନ୍ତରୀଣ ବିଦ୍ୟୁତ୍ ଯୋଗାଣ ସମସ୍ୟା ଯୋଗୁଁ ୨୪୪୫ ପ୍ରାର୍ଥୀଙ୍କ ପାଇଁ ପରୀକ୍ଷା ସମାପ୍ତ ହୋଇପାରିନଥିଲା, ଯାହା ପରୀକ୍ଷା ପରିଚାଳନା ସଂସ୍ଥା ମେସର୍ସ ଟିସିଏସ୍ ଲିମିଟେଡ୍ ଯୋଗୁଁ ହୋଇଥିଲା। ଏନବିଇଏମଏସ୍ ପ୍ରଭାବିତ ପ୍ରାର୍ଥୀମାନଙ୍କୁ ହୋଇଥିବା ଅସୁବିଧା ପାଇଁ ଦୁଃଖ ପ୍ରକାଶ କରିଛି। ସମସ୍ତ ପ୍ରଭାବିତ ପ୍ରାର୍ଥୀଙ୍କୁ ନିଟ୍-ପିଜି ୨୦୨୬ରେ ଉପସ୍ଥିତ ରହିବା ପାଇଁ ଏକ ନିରପେକ୍ଷ ଏବଂ ସମାନ ସୁଯୋଗ ପ୍ରଦାନ କରାଯିବା ନିଶ୍ଚିତ କରିବା ପାଇଁ, ଏହି ୨,୪୪୫ ପ୍ରାର୍ଥୀଙ୍କ ପାଇଁ ପରୀକ୍ଷା ୦୫ ସେପ୍ଟେମ୍ବର ୨୦୨୬ (ଶନିବାର) ଅପରାହ୍ନ ୦୩.୦୦ ଟାରେ ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ହେବ।

## ଛାଡ଼ପତ୍ର ମାମଲା ...

କରିଛନ୍ତି, ସେହି ପରିମାଣର ଅର୍ଥକୁ ଦରମାରୁ କାଟି ସମ୍ପୃକ୍ତ କର୍ମଚାରୀଙ୍କ ପତ୍ନୀ ବା ସନ୍ତାନସନ୍ତତିଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଇଲୋକ୍ଟ୍ରୋନିକ୍ ସୂତ୍ରରେ ଜମା କରିବେ । ଆଗାମୀ ଦିନରେ ଏହିପରି ଅଦାଲତଙ୍କ ନିର୍ଦ୍ଦେଶିତ ଭରଣପୋଷଣ ସମ୍ପର୍କିତ ବିଷୟକୁ ରାଜ୍ୟ ସରକାରଙ୍କ ସମନ୍ୱିତ ଓ ସ୍ୱୟଂଚାଳିତ ବ୍ୟବସ୍ଥାରେ ଯୋଡ଼ାଯାଇ ଏହି ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହାଦ୍ୱାରା ଅଦାଲତଙ୍କ ନିର୍ଦ୍ଦେଶର ଅନୁପାଳନ ହେବା ସହିତ ସଂପୃକ୍ତ ମହିଳା ବା ସେମାନଙ୍କ ସନ୍ତାନସନ୍ତତିଙ୍କ ଦୁର୍ଦ୍ଦଶା ମଧ୍ୟ ଅନେକ ପରିମାଣରେ ଦୂର ହୋଇପାରିବ ।

## ପୂର୍ବତନ ମନ୍ତ୍ରୀ...

ନବରଙ୍ଗପୁର ଅଂଚଳର ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଏହି ଅଂଚଳର ଜଣେ ପ୍ରମୁଖ ଜନନେତା ଭାବେ ସେ ନିଜର ପରିଚୟ ସୃଷ୍ଟି କରିଥିଲେ।

ଡମ୍ବରୁ ମାଝୀଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ରାଜନୈତିକ ଓ ସାମାଜିକ ମହଲରେ ଶୋକର ଛାୟା ଖେଳିଯାଇଛି। ବିଭିନ୍ନ ରାଜନୈତିକ ଦଳର ନେତା, ସମର୍ଥକ ଓ ଶୁଭେଚ୍ଛୁମାନେ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହ ସାର୍ବଜନୀନ ଜୀବନରେ ତାଙ୍କର ଦୀର୍ଘ ଅବଦାନକୁ ସ୍ମରଣ କରିଛନ୍ତି। ମାଝୀଙ୍କ ବିୟୋଗକୁ ଅଂଚଳର ରାଜନୀତି ପାଇଁ ଏକ ବଡ଼ କ୍ଷତି ବୋଲି ବିବେଚନା କରାଯାଉଛି।

ପୂର୍ବତନ ମନ୍ତ୍ରୀ ଡମ୍ବରୁ ମାଝୀଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଡମ୍ବରୁଧର ମାଝୀଙ୍କ ବିୟୋଗ ଖବର ଶୁଣି ଅତ୍ୟନ୍ତ ଦୁଃଖିତ ଏବଂ ମର୍ମାହତ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ଆନ୍ତରିକ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଅଛି।

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ପୂର୍ବତନ ମନ୍ତ୍ରୀ ଡମ୍ବର ମାଝୀଙ୍କୁ ବିୟୋଗରେ ଶୋକ ପ୍ରକା କରିଛନ୍ତି। ସେ କହିଛନ୍ତି ଯେ, ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଡମ୍ବରୁଧର ମାଝୀଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଦୀର୍ଘଦିନର ରାଜନୈତିକ ଜୀବନରେ ଲୋକଙ୍କ ପାଇଁ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି।

## ନେପାଳ ବନ୍ୟା...

ଶବଗୃହ ଆଗରେ ଲୋକେ ଭିଡ଼ ଜମାଇଛନ୍ତି। ଏହା ସତ୍ତ୍ୱେ ବି ଅଧିକାଂଶ ମୃତକଙ୍କ ପରିଚୟ ମିଳିପାରି ନାହିଁ। ଏହା ସରକାରଙ୍କ ମୁଣ୍ଡବିନ୍ଧା ସୃଷ୍ଟି କରିଛି। ମୃତଦେହ ରଖିବାକୁ ସ୍ଥାନାଭାବ ହୋଇଥିବାରୁ ସରକାର ଅସ୍ଥାୟୀ କେନ୍ଦ୍ର ନିର୍ମାଣ କରିଛନ୍ତି। ଏଭଳି ସ୍ଥିତିରେ ଅନ୍ତିମ ସଂସ୍କାର କରିବା ପୂର୍ବରୁ ମୃତକଙ୍କ ଡିଏନଏ ସଂରକ୍ଷିତ ରଖିବା ପାଇଁ ନେପାଳ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ମୃତକଙ୍କୁ ଚିହ୍ନଟ କରିବାରେ ସହାୟକ ହେବ ବୋଲି ସରକାର କହିଛନ୍ତି। ସେପଟେ ଡିଏନଏ ଚିହ୍ନଟରେ ସହାୟତା କରିବା ପାଇଁ ଭାରତ ଏକ ୬ ଜଣିଆ ଫରେନସିକ ଟିମକୁ ନେପାଳ ପଠାଇଛି।

ବନ୍ୟା ସିନା ଛାଡ଼ି ଯାଇଛି, ହେଲେ ଏବେ ନେପାଳରେ ନୂଆ ସଙ୍କଟ ସୃଷ୍ଟି ହୋଇଛି। ଲୋକଙ୍କୁ ଜରୁରୀ ଔଷଧ ମିଳୁନାହିଁ। ମଧୁମେହ, ଉଚ୍ଚ ରକ୍ତଚାପ, ଥାଇରଏଡ ଔଷଧର ଘୋର ଅଭାବ ଦେଖାଯାଇଛି। ପାନୀୟ ଜଳ ସଙ୍କଟ ମଧ୍ୟ ସୃଷ୍ଟି ହୋଇଛି। ଶୋଷିଲା ତଣ୍ଟିକୁ ସ୍ୱଚ୍ଛ ଜଳ ଟିକେ ବି ପିଇବାକୁ ମିଳୁନାହିଁ। ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ ଚଢ଼ା ଦରରେ ପାଣି ବୋତଲ ବିକ୍ରି କରୁଛନ୍ତି। ହେଲେ ଏହା କିଣିବାକୁ ପୀଡ଼ିତଙ୍କ ପାଖରେ ଅର୍ଥ ନାହିଁ। ପିନ୍ଧିବାକୁ ପୋଷାକ ନାହିଁ। ଚାରି ଦିନ ହେଲା ସେହି ଗୋଟିଏ ପୋଷାକ ପିନ୍ଧି ରହିଛନ୍ତି। ଇନ୍ଧନ ତ ଦୂରର କଥା ଖାଦ୍ୟାଭାବ ସ୍ଥିତିକୁ ଅଧିକ ବିଗାଡ଼ି ଦେଇଛି। ରୋଷେଇ ପାଇଁ ବି ଗ୍ୟାସ ମିଳିପାରୁ ନାହିଁ। ଆମ୍ବୁଲାନ୍ସ ଥାଇ ବି ଅଚଳ ରହିଛି। କାରଣ ଏହାକୁ ଚଲାଇବା ପାଇଁ ଡିଜେଲ ନାହିଁ। ନେପାଳ ସରକାରଙ୍କ ପକ୍ଷରୁ ଚଲା ଯାଉଥିବା ଆଶ୍ରୟ ସ୍ଥଳରେ ମଧ୍ୟ ସମାନ ସ୍ଥିତି ରହିଛି। ଏଠାରେ ମୌଳିକ ସୁବିଧା ବି ଟିକେ ମିଳୁ ନାହିଁ। ବିଦେଶୀ ସହାୟତାକୁ ପ୍ରଥମେ ନା ନା ଓ ପରେ ହଁ ହଁ କହି ଭାରତ, ଚୀନ, ଅଷ୍ଟ୍ରେଲିଆ ଭଳି କିଛି ଦେଶଙ୍କ ସହାୟତା ନେଇଥିବା ନେପାଳ ସ୍ଥିତି ଆଗରେ ହାରି ଯାଇଥିବା ପରି ଲାଗୁଛି।

## ଲଘୁଚାପ ପ୍ରଭାବରେ ...

ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି। ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଏବଂ ନିମ୍ନାଞ୍ଚଳରେ ଆକସ୍ମିକ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।

# ଏମଏମଡିଆର ଆମେଣ୍ଡମେଣ୍ଟ ଆକ୍ଟ ପ୍ରସଙ୍ଗ ଦଳୀୟ ସ୍ୱାର୍ଥ ପାଇଁ ବିଜେପି ରାଜ୍ୟର ଖଣିକୁ କେନ୍ଦ୍ର ସରକାରଙ୍କ ହାତକୁ ଟେକି ଦେଲା: ବିଜେଡି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଏମଏମଡିଆର ଆମେଣ୍ଡମେଂଟ ଆକ୍ଟ ଜରିଆରେ ରାଜ୍ୟର ହକ୍କୁ ଛଡାଇ ନେଇଛନ୍ତି କେନ୍ଦ୍ର ସରକାର । ଓଡ଼ିଶାବାସୀଙ୍କ ପ୍ରବୁଦ୍ଧ କ୍ଷତି ହେଉଥିବା ଜାଣି ମଧ୍ୟ ରାଜ୍ୟ ସରକାର ଚୁପ ବସିଛନ୍ତି । ରାଜ୍ୟ ସ୍ୱାର୍ଥକୁ ଭୁଲି ଖଣି ମାଲିକଙ୍କୁ ଲାଭାନ୍ୱିତ କରିବା ପାଇଁ ଡବଲ ଇଞ୍ଜିନ ସରକାର କାମ କରୁଥିବାରୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ। ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ କହିଥିଲେ ଯେ, ଏମଏମଡିଆର ଆକ୍ଟ ଜରିଆରେ ରତ୍ନଗର୍ଭା ଓଡ଼ିଶାର ଖଣିଜ ସମ୍ପଦକୁ କେନ୍ଦ୍ର ହାତରେ ଟେକି ଦେଇଛି ବିଜେପି। ଖଣିଜ ସମ୍ପଦରୁ ଅଧିକ ରାଜସ୍ୱ ଆଦାୟ କରି ସର୍ବଭାରତୀୟ ସ୍ତରରେ ଓଡ଼ିଶା ପ୍ରସଂଶିତ ହୋଇଥିଲା। ଗତ ୨୦୨୨ ମସିହାରେ ପ୍ରଧାନମନ୍ତ୍ରୀ ସଂସଦରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଖଣି ସଂସ୍କାର ଆଇନ ଲାଗୁ କରିବାରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ । ଏହି ବିଲ୍ ବିନା ଆଲୋଚନାରେ ସଂସଦରେ ପାରିତ କରାଯାଇଛି, ଏହାଦ୍ୱାରା ଓଡ଼ିଶା ଅନେକ କ୍ଷତି ସହିବ । ଏହି ପରିପ୍ରେକ୍ଷୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଯୋଗେ ଜଣାଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଉକ୍ତ ପ୍ରସଙ୍ଗରେ ନିରବ ରହିଲେ । କିନ୍ତୁ ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରତିକ୍ରିୟା ଦେଇ ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଭୁଲି କେନ୍ଦ୍ର ସ୍ୱାର୍ଥକୁ ଗୁରୁତ୍ୱ ଦେଲେ ।

ପବିତ୍ର ନିଖିଳ ଭାରତ "ସ୍ୱାୟତ ଶାସନ ଦିବସ-୨୦୨୬" ଅବସରରେ
ବ୍ୟାସନଗରର ସମସ୍ତ ଜନସାଧରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା
ବ୍ୟାସନଗର ପୌର ପରିଷଦ, ବ୍ୟାସନଗର

ପୌରବାସୀଙ୍କୁ ନିବେଦନ -

୧. "ମୋ ଅଳିଆ ମୋ ଦାୟିତ୍ୱ" ଏଣୁ ନିଜ ଘରର ବର୍ଜ୍ୟବସ୍ତୁ, ଭଙ୍ଗାକାଚ ଓ ପ୍ଲାଷ୍ଟିକ ଜିନିଷ ଇତ୍ୟାଦି ରାସ୍ତା ଉପରେ କିମ୍ବା ଡ୍ରେନ୍ ଭିତରେ ନ ପକାଇ ପୌରପାଳିକାର ନିୟୋଜିତ ଗାଡ଼ିକୁ ହସ୍ତାନ୍ତର କରନ୍ତୁ।
୨. ହୋଟେଲ୍ ଓ ବହୁତଳ ପ୍ରାସାଦ ଗୁଡ଼ିକ ନିଜର ଡ଼ଷ୍ଟବିନ୍ ବ୍ୟବହାର କରିବା ସହିତ ନିଜସ୍ୱ ଜାଗାରେ କଂପୋଷ୍ଟ ପିଟ୍ ଖୋଳି ସେଥିରେ ରଖନ୍ତୁ।
୩. ରାସ୍ତା ଉପରେ ଗାଈ, ଗୋରୁ ତଥା ଗୃହପାଳିତ ପଶୁଙ୍କୁ ଛାଡ଼ନ୍ତୁ ନାହିଁ।
୪. ରାସ୍ତା କଡ଼ରେ ଘର ତିଆରି ଉପକରଣ ଯଥା-ବାଲି, ଗୋଡ଼ି, ଇଟା ଇତ୍ୟାଦି ମହଜୁଦ କରନ୍ତୁ ନାହିଁ।
୫. ପୌର ପାଳିକାର ସମସ୍ତ ଟିକସ ଯଥା ସମୟରେ ପୈଠ କରନ୍ତୁ।
୬. ବ୍ୟାସନଗର ସହରରେ ଥିବା ସମସ୍ତ ବ୍ୟବସାୟୀ ପ୍ରତିଷ୍ଠାନ ମାନେ ସେମାନଙ୍କ ଟ୍ରେଡ୍ ଲାଇସେନସ୍ ଯଥା ସମୟରେ ପୌର କାର୍ଯ୍ୟାଳୟରୁ କରାଇ ନିଅନ୍ତୁ।
୭. ବାହ୍ୟଶୌଚରୁ ନିବୃତ ରୁହନ୍ତୁ, ବାହାରେ ଶୌଚ କରିବାର ନଜରକୁ ଆସିଲେ ପୌର ଆଇନ୍ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
୮. ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ।
୯. ପାଇଖାନା ଟାଙ୍କି ସଫା କରିବା ପାଇଁ ପୌର ପରିଷଦ ତରଫରୁ ଭଡ଼ାସୂତ୍ରରେ ସେସପୁଲ ବ୍ୟବହାର କରନ୍ତୁ।
୧୦. ଘରୋଇ ପାଇଖାନା ଗୁଡ଼ିକର ଆବର୍ଜ୍ଜନା ପାଣି ଡ୍ରେନକୁ ଛାଡ଼ନ୍ତୁ ନାହିଁ।

ଶ୍ରୀଯୁକ୍ତ ରଣଜିତ୍ କୁମାର ମଲ୍ଲିକ (ଓ.ପ୍ର.ସେ)
ନିର୍ବାହୀ ଅଧିକାରୀ
ବ୍ୟାସନଗର ପୌର ପରିଷଦ

ସମସ୍ତ ସଭ୍ୟା ଓ ସଭ୍ୟ ବୃନ୍ଦ
ବ୍ୟାସନଗର ପୌର ପରିଷଦ

ଶ୍ରୀଯୁକ୍ତ ସୁବାଶ ଚନ୍ଦ୍ର ବଳ
ଅଧକ୍ଷ
ବ୍ୟାସନଗର ପୌର ପରିଷଦ

ଶୌର ପରିଷଦ କାର୍ଯ୍ୟାଳୟ, ଉମରକୋଟ ।

ଶୌର ପରିଷଦ ଉମରକୋଟ ତରିତ କର୍ଗ ୨୦୨୭ ନିଖିଳ ଭାରତ ଆଇନ ଶାସନ ଦିବସ ପାଳନ ଉପଲକ୍ଷେ ଉମରକୋଟ ଅଞ୍ଚଳର ସମସ୍ତ କନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସହରର ସର୍ବାଙ୍ଗୀଣ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ ନିମନ୍ତ୍ରୀ କରୁଛି ।

୧. ଶୌର ପାଳିକାର ଦେୟ ଠିକ୍ ସମୟରେ ଶୈଠ କରି ପରିଷଦକୁ ନିକର କର୍ତବ୍ୟ ପାଳନରେ ସହାର୍ଯ୍ୟ କରନ୍ତୁ ।
୨. ପରିନଶ ବ୍ୟବସ୍ଥାର ସୁରକ୍ଷା ଓ ଉନ୍ନତି ପାଙ୍ଗଇ ସୁସ୍ଥ ପରିବେଶ ଗିଠଜ କରନ୍ତୁ।
୩. ଦୁରନ ଯୟ ନିର୍ମାଣ ପୁର୍ବରୁ ଅୁନର କବ୍ସା ପରିଷଦକୁ ମାନ୍ଧର କରାଇ ନିଅନ୍ତୁ।
୪. ରାସ୍ତା ଉପରେ ଇଜ୍ର ଗଚ୍ଛିତ ପଦୁଦୁତିଦୁ ଅନଧିକାର ଭାବେ ଛାଡନ୍ତୁ ନାହିଁ ।
୫. ସ୍ୱାଶ୍ଚିକ୍ଷ ସ୍ୱାୟ୍ ଏବଂ ପରିଚ୍ଛନ୍ନ ବ୍ୟକ୍ଷାଭ ବ୍ୟକଙ୍ଗାର କର କରନ୍ତୁ।
୬. ଶୌର ପରିଷଦ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଜ୍ଞକଇ ଫି, ବ୍ୟବସାୟୀକ ପ୍ରତିଷ୍ଠାନ ଲାଇସେନ୍ସ ଫି ଦେୟ ଠିକ୍ ସମୟରେ ପୈଠକର ଶୌର ପରିଷଦର ନିଜସ୍ୱ ଅଟା, ଦୃଷ୍ଟିରେ ସହଯୋଗ କରନ୍ତୁ ।

ଏ ସହର ଆପଣଙ୍କର ଏ ସହରକୁ ପରିଷ୍କାର ପରିଛନ ରଖନ୍ତୁ ଏବଂ ଏକ ସୁସ୍ଥ ପରିବେଶ ଗଠନ କରନ୍ତୁ ।


ଶ୍ରୀମତୀ ରାଧା ଭଟ୍ଟୀ
ଅଧକ୍ଷା
ଶୌର ପରିଷଦ, ଉମରକୋଟ


ଶ୍ରୀ ସୁଧାଂଶୁ ଦ୍ଦାଶ
ଉପାଧକ୍ଷ
ଶୌର ପରିଷଦ, ଉମରକୋଟ


ଶ୍ରୀ ଆଲୋକ୍ କୁମାର ଅନୁଗୁପିଆ
କାର୍ଯ୍ୟନିର୍ବାହୀ ଅଧିକାରୀ
ଶୌର ପରିଷଦ, ଉମରକୋଟ

RNI Regd. No. : 52640/94
Postal Regd. No. : BN/60/25-27

# ଚୌଦ୍ୱାର ଜେଲ୍ ଅଧୀକ୍ଷକଙ୍କ ଆଗୁଆ ଜାମିନ ଆବେଦନ ଖାରଜ

**କଟକ, ୩୦/୦୮**
**ନ୍ୟୁଜ ବ୍ୟୁରୋ**

ବଢ଼ିଲା ଚୌଦ୍ୱାର ଜେଲ୍ ଅଧୀକ୍ଷକ ସୁଜିତ ରାଉଳଙ୍କ ଅଡୁଆ । ସୁଜିତଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଛନ୍ତି ହାଇକୋର୍ଟ । ଏହାସହ ତାଙ୍କୁ ପୂର୍ବରୁ ମିଳିଥିବା ଅନ୍ତରୀଣ ସୁରକ୍ଷାକୁ ମଧ୍ୟ ହଟାଇ ଦେଇଛନ୍ତି ଅଦାଲତ । ଫଳରେ ଯେକୌଣସି ମୁହୂର୍ତ୍ତରେ ସୁଜିତ ରାଉଳ ଗିରଫ ହୋଇପାରନ୍ତି। ଚୌଦ୍ୱାର ଜେଲ୍‌ରୁ ଦୁଇ ଜଣ ବିହାରୀ କଏଦୀ ଫେରାର ହେବା ଏବଂ ପୂର୍ବତନ ଜେଲର ସନ୍ତୋଷିନୀ ଦାଶଙ୍କ ଦସ୍ତଖତ ଜାଲିଆତି ଅଭିଯୋଗକୁ ନେଇ ଚୌଦ୍ୱାର ଥାନାରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ପୋଲିସ ତଦନ୍ତ ଜାରି ରଖିଛି ।ତଦନ୍ତ ସମୟରେ ଜେଲ୍ ଅଧୀକ୍ଷକ ସୁଜିତ ରାଉଳ ତଦନ୍ତରେ ସହଯୋଗ କରୁନଥିବା ଏବଂ ଜେଲ୍‌ର ମିନିଟ୍ ବୁକ୍ ଦାଖଲ କରୁନଥିବା ଅଭିଯୋଗ ହୋଇଥିଲା । ପୋଲିସ ପକ୍ଷରୁ ବାରମ୍ବାର ରିମାଇଣ୍ଡର ଦିଆଯାଇଥିଲେ ମଧ୍ୟ ମିନିଟ୍ ବୁକ୍ ଦାଖଲ କରାଯାଇନଥିବା ନେଇ ଅଦାଲତଙ୍କ ନିକଟରେ ପ୍ରମାଣ ଦାଖଲ କରିଥିଲା ପୋଲିସ । ଏହାପରେ ଗିରଫଦାରୀ ଏଡ଼ାଇବା ପାଇଁ ସୁଜିତ ରାଉଳ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ । ଗତ ୨୪ ତାରିଖରେ ଏହି ଆବେଦନର ଶୁଣାଣି ହୋଇଥିବା ବେଳେ ଅଦାଲତ ରାୟ ସଂରକ୍ଷିତ ରଖିଥିଲେ । ହାଇକୋର୍ଟ ଆଗୁଆ ଜାମିନ ଆବେଦନକୁ ଖାରଜ କରିବା ସହ ପୂର୍ବରୁ ଦିଆଯାଇଥିବା ଅନ୍ତରୀଣ ସୁରକ୍ଷା ମଧ୍ୟ ହଟାଇ ଦେଇଛନ୍ତି । ଏହାପରେ ସୁଜିତ ରାଉଳଙ୍କ ଗିରଫଦାରୀ ନେଇ ଆଶଙ୍କା ବଢ଼ିଛି। ଅନ୍ୟପଟେ, ଆଗୁଆ ଜାମିନ ଖାରଜ ହେବା ସମ୍ପର୍କରେ ଚୌଦ୍ୱାର ଜେଲ୍ ଅଧୀକ୍ଷକ ସୁଜିତ ରାଉଳଙ୍କ ପ୍ରତିକ୍ରିୟା ନିଆଯାଇଥିଲା । ଏ ସମ୍ପର୍କରେ ତାଙ୍କ ପାଖରେ କୌଣସି ଖବର ନାହିଁ ବୋଲି କହି ସେ ଏହି ପ୍ରସଙ୍ଗକୁ ଏଡ଼ାଇ ଯାଇଛନ୍ତି ।





ଭୁବନେଶ୍ୱର : ନୟାପଲ୍ଲୀ ସ୍ଥିତ ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୩୭ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । (ଫଟୋ : ସମ୍ବାଦ କଳିକା)

# କିଭ୍ ଉପରେ ରୁଷର ଆକ୍ରମଣ : ୩୭ ମୃତ

**କିଭ୍, ୩୦/୦୮**

ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ପୁଣି ଭୀଷଣ ରୂପ ନେଇଛି । ରୁଷ୍ ୟୁକ୍ରେନ୍ ଉପରେ ଭୟଙ୍କର ଆକ୍ରମଣ କରିଛି । ଏହି ଆକ୍ରମଣ ଜାରି ରହିଥିବାବେଳେ କିଭ୍ ନିକଟସ୍ଥ ବୁଚା ଜିଲ୍ଲାରେ ୩୭ ଜଣଙ୍କର ମୃତ୍ୟୁ ହୋଇଛି । ୫୦ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଥିବା ୟୁକ୍ରେନୀୟ ଅଧିକାରୀମାନେ କହିଛନ୍ତି । ଏଥିରେ ଅନେକ ବ୍ୟକ୍ତି ଆହତ ହୋଇଥିବା ବେଳେ ୪୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ରୁଷର ଘନ ଘନ କ୍ଷେପଣାସ୍ତ୍ର ଆକ୍ରମଣ ଯୋଗୁଁ କିଭରେ ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଛି । ଆର୍ଥିକ କାର୍ଯ୍ୟକଳାପ ବନ୍ଦ ରହିଛି । ଆଞ୍ଚଳିକ ସାମରିକ ପ୍ରଶାସନର ମୁଖ୍ୟ ଟାଇମୁର ତକାଚେଙ୍କୋ କହିଛନ୍ତି ଯେ, ଆକ୍ରମଣରେ ଅତି କମରେ ୫୦ଟି ଆବାସିକ କୋଠା କ୍ଷତିଗ୍ରସ୍ତ ହୋଇଛି । ମାଇଲା ଗ୍ରାମର ଏକ ଗୋଦାମ ଉପରେ ଆକ୍ରମଣ ପରେ ବଡ଼ଧରଣର ବିସ୍ଫୋରଣ ହୋଇଥିଲା । ଗୋଦାମରେ ବିସ୍ଫୋରକ ଦ୍ରବ୍ୟ ଥିବା ଆଶଙ୍କା କରାଯାଉଛି ।




# ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ମିଶନ୍-ମୋଡ୍‌ରେ କାର୍ଯ୍ୟକାରୀ ହେବ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'

**ଭୁବନେଶ୍ୱର, ୩୦/୦୮**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ପୁଷ୍ଟିହୀନତା ଦୂରୀକରଣ ସହ ମାତୃ ଓ ଶିଶୁ ପୁଷ୍ଟିରେ ଉନ୍ନତି ଆଣିବା ପାଇଁ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'କୁ ମିଶନ୍-ମୋଡ୍‌ରେ କାର୍ଯ୍ୟକାରୀ କରାଯିବ। ଏ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ 'ଓଡ଼ିଶା ପୁଷ୍ଟି ମିଶନ'ର କାର୍ଯ୍ୟାନ୍ୱୟନ ଓ ରଣନୀତି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି ।

ବୈଠକରେ ରାଜ୍ୟରେ ପୁଷ୍ଟିହୀନତା ଦୂରୀକରଣ, ଡିଜିଟାଲ ନିରୀକ୍ଷଣ ମାଧ୍ୟମରେ ସେବା ପ୍ରଦାନକୁ ସୁଦୃଢ଼ କରିବା ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। 'ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା' ଅଧୀନରେ ଅସମ୍ପୂର୍ଣ୍ଣ କୋଠା ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ସହ ଆବଶ୍ୟକ ସ୍ଥାନରେ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କରି ଶିଶୁମାନଙ୍କ ପାଇଁ ସୁରକ୍ଷିତ ଓ ଶିଶୁ-ଅନୁକୂଳ ପରିବେଶ ସୃଷ୍ଟି ଉପରେ ଆଲୋଚନା ହୋଇଥିଲା।

'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଅଧୀନରେ ପୁଷ୍ଟିହୀନତା ଅଧିକ ଥିବା ୧୮ଟି ଜିଲ୍ଲାକୁ ବିଶେଷ ଭାବେ ଚିହ୍ନଟ କରାଯାଇଛି । ଏହି ଜିଲ୍ଲାଗୁଡ଼ିକର ୧୦୦ଟି ଆଇସିଡିଏସ୍ ପ୍ରକଳ୍ପ ଅଧୀନରେ ଥିବା ୨୨,୭୦୭ଟି ଅଙ୍ଗନବାଡ଼ି କେନ୍ଦ୍ର ସହ ପୁଷ୍ଟି ସୂଚକାଙ୍କ ଆଧାରରେ ଦୁର୍ବଳ ପ୍ରଦର୍ଶନ କରୁଥିବା ୨୨୨ଟି ଅଙ୍ଗନବାଡ଼ି କେନ୍ଦ୍ର ଏବଂ ମାଓପ୍ରଭାବିତ ଅଞ୍ଚଳର ୧୫୯ଟି 'ଗ୍ରାମୋଦୟ' ଅଙ୍ଗନବାଡ଼ି କେନ୍ଦ୍ରକୁ ମିଶାଇ ମୋଟ ୨୩,୦୮୮ଟି କେନ୍ଦ୍ରକୁ ଏହି ମିଶନରେ ସାମିଲ କରାଯାଇଛି । ଅନୁଗୁଳ, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା, ରାୟଗଡ଼ା, ନବରଙ୍ଗପୁର, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାକୁ ଏଥିପାଇଁ ଚିହ୍ନଟ କରାଯାଇଛି । ଏଥିରେ ନୀତି ଆୟୋଗ ଚିହ୍ନଟ କରିଥିବା ୯ଟି ଆକାଂକ୍ଷୀ ଜିଲ୍ଲା ମଧ୍ୟ ଅନ୍ତର୍ଭୁକ୍ତ ରହିଛି ।



ପୁଷ୍ଟିହୀନତାର ଶୀଘ୍ର ଚିହ୍ନଟ ଓ ଉପଯୁକ୍ତ ହସ୍ତକ୍ଷେପ ପାଇଁ ମିଶନରେ ୯ଟି ରଣନୀତିକ ସ୍ତମ୍ଭ ଉପରେ କାର୍ଯ୍ୟ କରାଯିବ । ଏଥିରେ ଶୀଘ୍ର ଚିହ୍ନଟ, ସହାୟତା, ଶିକ୍ଷା, ପୁଷ୍ଟିବର୍ଦ୍ଧନ, ପୁଷ୍ଟିକର ଖାଦ୍ୟ, ବ୍ୟବହାରିକ ସଚେତନତା, ବିଶ୍ଳେଷଣ, ମୂଲ୍ୟାଙ୍କନ ଓ ଉନ୍ନତିକୁ ସାମିଲ କରାଯାଇଛି ।

ପୋଷଣ ଟ୍ରାକର ମାଧ୍ୟମରେ ଶିଶୁମାନଙ୍କ ପୁଷ୍ଟି ସ୍ଥିତିର ନିୟମିତ ଚିହ୍ନଟ ସହ ଡିଜିଟାଲ ଓ ତଥ୍ୟଭିତ୍ତିକ ନିରୀକ୍ଷଣକୁ ସୁଦୃଢ଼ କରାଯିବ। ଶିଶୁଙ୍କ ଜୀବନର ପ୍ରଥମ ୧,୦୦୦ ଦିନ, କମ୍ ଓଜନର ନବଜାତକ ଏବଂ ଶିଶୁ ପୁଷ୍ଟି ଉପରେ ବିଶେଷ ଗୁରୁତ୍ୱ ରହିବ।

'ସୁପୋଷିତ ଓଡ଼ିଶା ମିଶନ' ମାଧ୍ୟମରେ ଅଙ୍ଗନବାଡ଼ି ସ୍ତରରେ ଗୁରୁତର କମ୍ ଓଜନ ଓ କ୍ଷୀଣତାର ଶିକାର ଶିଶୁଙ୍କ ସଂଖ୍ୟାକୁ ଶୂନ୍ୟ କରିବା ଲକ୍ଷ୍ୟ ରଖାଯାଇଛି । ଗର୍ଭବତୀ ଓ ପ୍ରସୂତି ମା' ଏବଂ କିଶୋରୀମାନଙ୍କ ପାଇଁ ଅତିରିକ୍ତ ପୁଷ୍ଟିକର ଖାଦ୍ୟ ସହ ଗୁରୁତର ପୁଷ୍ଟିହୀନ ଶିଶୁଙ୍କ ପାଇଁ ବିଶେଷ ପୁଷ୍ଟି ସହାୟତା ବ୍ୟବସ୍ଥା କରାଯିବ।

ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଡ. ମୃଣାଳିନୀ ଦର୍ସୱାଲ, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ୩ ପୁଅ ଥାଇ ବି ୧୦୨ ବର୍ଷର ମାଆ ଅସହାୟ : ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ



**ଭଦ୍ରକ ୩୦ ।୮ ନ୍ୟୁଜ ବ୍ୟୁରୋ**

ଗୋଟିଏ ନୁହେଁ ତିନି ତିନୋଟି ପୁଅର ମାଆ । ହେଲେ ପରିଣତ ବୟସରେ ଆଜି ଅସହାୟ । ବୟସର ଅପରାହ୍ନରେ ବଞ୍ଚିବା ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ବୃଦ୍ଧା ଜଣଙ୍କ ହେଉଛନ୍ତି ଭଦ୍ରକ ଜିଲ୍ଲା ପୁରୁଣା ବଜାର ଥାନା ଅଧୀନ ୟୁସୁଫପୁର ଗାଁର ମାଳତୀ ବାରିକ। ବୟସ ତାଙ୍କର ୧୦୨ ବର୍ଷ। ମାଳତୀଙ୍କର ତିନି ପୁଅ। ଦୁଇ ପୁଅ ଘର ପାଖରେ ରହୁଥିବା ବେଳେ ଅନ୍ୟ ଜଣେ ଭଦ୍ରକ ସହରରେ ରହୁଛନ୍ତି । କିନ୍ତୁ ଏତେ ବଡ଼ ପରିବାର ଥାଇ ବି ଆଜି ବେସାହାରା ମାଳତୀ । ଖାଇବାକୁ ଦେବା ତ ଦୂରର କଥା, ପିନ୍ଧିବା ପାଇଁ ମଧ୍ୟ କେହି ଶାଢ଼ି ଖଣ୍ଡେ ଦେଇନଥିବା ମାଳତୀ ଅଭିଯୋଗ କରିଛନ୍ତି । ଭତ୍ତା ବାବଦକୁ ମାସକୁ ହଜାରେ ଟଙ୍କା ଆଉ ୫ କିଲୋ ଚାଉଳ ପାଉଛନ୍ତି ମାଳତୀ । ଚାଉଳ ଦେଲେ ବଡ଼ ପୁଅ ଖାଇବାକୁ ଦିଏ, ଚାଉଳ ନଦେଲେ ଉପାସ । ଆଉ ଜଣେ ପୁଅ ଅବସରପ୍ରାପ୍ତ ଶିକ୍ଷକ ହୋଇଥିଲେ ବି ମାଆଙ୍କ କଥା ମଧ୍ୟ ସେ ବୁଝୁନାହାନ୍ତି। ଯେଉଁ ଘରେ ମାଳତୀ ମୁଣ୍ଡ ଗୁଞ୍ଜିଥିଲେ ସେଇଟା ବି ଭାଙ୍ଗିରୁଜି ଗଲାଣି । ଘରଟିଏ କରିବାକୁ ବି ପୁଅମାନେ ଅରାଜି । ଯେଉଁ ମାଆ ତିନି ପୁଅଙ୍କୁ ଜନ୍ମ ଦେଇ ବଡ଼ କରିଥିଲେ ଜୀବନର ଶେଷ ସମୟରେ ଦୁଇ ଓଳି ଦୁଇ ମୁଠା ଖାଇବାକୁ ବି ପାଉନାହାନ୍ତି । ଶେଷରେ ନିରାଶ ହୋଇ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି ମାଳତୀ। ବୃଦ୍ଧାଙ୍କ ଅଭିଯୋଗ ପରେ ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇଛି । ବୃଦ୍ଧାଙ୍କ ତିନି ପୁଅଙ୍କୁ ଥାନାକୁ ଆଣି ପଚରାଉଚରା କରିବ ପୋଲିସ । ଯେଉଁ ବୟସରେ ପରିବାର ସହ ହସଖୁସିରେ ଶେଷ ଜୀବନ କଟିବା କଥା, ସେହି ବୟସରେ ଜଣେ ମାଆକୁ ନିଜ ଅଧିକାର ପାଇଁ ଥାନାକୁ ଯିବାକୁ ପଡୁଛି । ଏହା ଆମ ସମାଜ ଓ ମାନବିକତା ପାଇଁ ଏକ ବଡ଼ ପ୍ରଶ୍ନ।

# ଗୋଠାପାଟଣାରେ ନିର୍ମାଣ ହେବ ଇଣ୍ଟିଗ୍ରେଟେଡ ବିଶ୍ୱସ୍ତରୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ଷ୍ଟାଡିୟମ୍

**ଭୁବନେଶ୍ୱର, ୩୦/୦୮ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଗୋଠାପାଟଣା ମୌଜାରେ ଖୁବ୍‌ଶୀଘ୍ର ଇଣ୍ଟିଗ୍ରେଟେଡ ବିଶ୍ୱସ୍ତରୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ଷ୍ଟାଡିୟମ୍ ନିର୍ମାଣ ହେବ । ଏନେଇ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ସୂଚନା ଦେଇଛନ୍ତି । ଏଥିପାଇଁ ଜମି ଅଧିଗ୍ରହଣ କାମ ଆଗେଇ ଚାଲିଛି। ଷ୍ଟାଡିୟମ୍ ପାଇ ଜମି ଚିହ୍ନଟ ସରିଛି। କ୍ରୀଡା ବିଭାଗ ନାଁରେ ଜମି ରେକର୍ଡ ପ୍ରକ୍ରିୟା ଚାଲିଛି। ଖୁବ୍‌ଶୀଘ୍ର ଭିତ୍ତିପ୍ରସ୍ତର ସ୍ଥାପନା କରାଯିବ। ଡିପିଆର ସରିଛି। ବର୍ଷା ପରେ ଟେଣ୍ଡର କାମ ଶେଷ ହୋଇ ବିଶ୍ୱ ସ୍ତରୀୟ ଷ୍ଟାଡିୟମ୍ କାର୍ଯ୍ୟ କାର୍ଯ୍ୟ ଆରମ୍ଭ ହେବ। ରାଜ୍ୟରେ ୩୧୪ ବ୍ଲକରେ କ୍ରୀଡା ଭିତ୍ତିଭୂମି କାର୍ଯ୍ୟ ଆଗେଇ ଚାଲିଛି। ୪୧୨୪ କୋଟି ବ୍ୟୟରେ ବ୍ଲକସ୍ତରୀୟ କ୍ରୀଡା କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ହାତକୁ ନେଇଛି କ୍ରୀଡା ବିଭାଗ। ଏହା ମଧ୍ୟରୁ ୧୮୯ଟି ସ୍ଥାନରେ କାର୍ଯ୍ୟ ପାଇ ଅନୁମତି ମିଳିସାରିଛି ବୋଲି ମନ୍ତ୍ରୀ କହିଛନ୍ତି ।


# ପ୍ରକାଶ ଅପେକ୍ଷାରେ ...

ମାସିକ ଗଳ୍ପ ପତ୍ରିକା "କଥାକଳିକା"ର ସେପ୍ଟେମ୍ବର-୨୦୨୬ ସଂଖ୍ୟା




## ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ବାସନ୍ତୀ ମହାନ୍ତି
**ସମକାଳର କଥା :** ଚନ୍ଦ୍ରକଳା ନାୟକ, ପ୍ରଭାତ ସିହ୍ନା, ପ୍ରସନ୍ନ କୁମାର ମିଶ୍ର, ଆନନ୍ଦ କୁମାର ମାଇତି, ହଂସନାଥ ମୁଦୁଲି, ଚକ୍ରଧର ସାହୁ, ବୀରେଶ୍ୱର ମହାନ୍ତି, କବିତା ମିଶ୍ର ।
**ସାକ୍ଷାତକାର:** କଥାକାର ରାଜେନ୍ଦ୍ର ରାଉଳ
**ପୁସ୍ତକ ସମୀକ୍ଷା :** ଲୋକେ କହୁଛନ୍ତି (ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ)
**ଅନ୍ୟଭାଷାର କଥା :** ଚିତ୍ତ ରଂଜନ ପଟ୍ଟନାୟକ
**ଯୁବମାନସର କଥା :** ସରିତା ସିଂହ ମହାନ୍ତି, ବିପ୍ଳବବିକାଶ ବେହେରା, ନିର୍ମଳ କୁମାର, ରଜନୀ କାନ୍ତ ମିଶ୍ର, ଛବିରାଣୀ ପତି ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# ଏସ୍‌ସିବି କେଳେଙ୍କାରୀ: ରାତାରାତି ଗାଏବ ହେଲା ଫାଇଲ ଓ ହାର୍ଡ ଡିସ୍କ

**କଟକ, ୩୦/୦୮ ନ୍ୟୁଜ ବ୍ୟୁରୋ**

ଏସ୍‌ସିବି ମେଡିକାଲ କର୍ମଚାରୀଙ୍କ ଟିଏ, ଡିଏ, ଛୁଟି ଭତ୍ତା (ଲିଭ୍ ସାଲାରି) ବାବଦ ୧ କୋଟି ୪୦ ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ୍ ହୋଇଥିବା ନେଇ ଅଡିଟ୍ ଖୋଳତାଡ଼ କରି ବାହାର କରିଛି । ସରକାରୀ ରାଜକୋଷରୁ ଏହି ଅର୍ଥ ହରିଲୁଟ୍ ପଛରେ ଏକ ର୍ୟାକେଟ୍ ସମ୍ପୃକ୍ତ ଥିବା ଜଣାପଡ଼ିଛି । ଏହି ଘଟଣାରେ ଘରୋଇ ଠିକା ସଂସ୍ଥାର ଡାଟା ଏଣ୍ଟ୍ରି ଅପରେଟର (ଡିଇଓ) ଦୀନେଶ ରାଉତ ଗିରଫ ହୋଇ ଜେଲ୍ ଯିବା ପରେ ରାଜ୍ୟର ବଡ଼ ଡାକ୍ତରଖାନାର ଆକାଉଣ୍ଟସ୍ ସେକ୍ସନରେ କିପରି ଅନିୟମିତତା ଓ ମନମାନି ଚାଲିଥିଲା ତାହା ଲୋକଲୋଚନକୁ ଆସିଛି । ଏହି କେଳେଙ୍କାରୀରେ ଆହୁରି ଅନେକ କର୍ମଚାରୀ ଓ ଅଧିକାରୀ ଏବଂ ଅବସରପ୍ରାପ୍ତ ଅଧିକାରୀଙ୍କର ସମ୍ପୃକ୍ତି ଥିବା ଚର୍ଚ୍ଚା ହେଉଛି । ସମ୍ପୃକ୍ତ ଅଧିକାରୀମାନେ ଆର୍ଥିକ କେଳେଙ୍କାରୀରୁ ଖସିବା ପାଇଁ ରାତି ଅଧିଆ କିଛି ପୁରୁଣା ଫାଇଲ୍‌କୁ ଗାଏବ୍ କରିବା ସହ କମ୍ପ୍ୟୁଟରରୁ ଅନେକ ତଥ୍ୟ ବଦଳାଇଥିବାର ଅଭିଯୋଗ ହେଉଛି। ଘରୋଇ ଠିକା ସଂସ୍ଥା ଦ୍ୱାରା ନିୟୋଜିତ ଡାଟା ଏଣ୍ଟ୍ରି ଅପରେଟର ପାଖାପାଖି ଦେଢ଼ କୋଟି ଟଙ୍କା ଚଳୁ କରିବା ଏକ ସାଧାରଣ ଘଟଣା ନୁହେଁ ବୋଲି ଏସ୍‌ସିବିର ଜଣେ ଅଧିକାରୀ କହିଛନ୍ତି । ମିଳିଥିବା ସୂଚନାନୁସାରେ, ଦୀନେଶର ବାପା ଦିଲ୍ଲୀପ କୁମାର ରାଉତ ଆକାଉଣ୍ଟସ୍ ସେକ୍ସନରେ ଦୀର୍ଘ ବର୍ଷ କାର୍ଯ୍ୟ କରିଆସୁଥିଲେ । ଦିଲ୍ଲୀପ ଆକାଉଣ୍ଟସ୍ କାମ କରିବା ମଧ୍ୟରେ ପୁଅ ଦୀନେଶକୁ ଆଣି ଘରୋଇ ସଂସ୍ଥାର ଡାଟା ଏଣ୍ଟ୍ରି ଅପରେଟର ଭାବେ ନିୟୋଜିତ କରାଇଥିଲେ । ଦୁର୍ନୀତି ଅଭିଯୋଗରେ ଦିଲ୍ଲୀପକୁ ଭିଜିଲାନ୍ସ ବାନ୍ଧିବା ପରେ ପୁଅ ଦୀନେଶ ଘରୋଇ ଠିକା ସଂସ୍ଥାର କର୍ମଚାରୀ ହୋଇଥିଲେ ମଧ୍ୟ ସେ ବାପାର ସିରସ୍ତା ବୁଝିଥିଲେ। । ଏମିତିକି ଦିଲ୍ଲୀପ ଜେଲ୍‌ରୁ ଫେରିବା ପରେ ପୁଣି ଚାକିରିରୁ ଅବସର ନେବା ଯାଏ ୨୦୧୮ ମସିହା ପର୍ଯ୍ୟନ୍ତ ଆକାଉଣ୍ଟ୍ ସେକ୍ସନରେ କର୍ମଚାରୀଙ୍କ ଦରମା ବିଲ୍, ଟିଏ, ଡିଏ, ଲିଭ୍ ସାଲାରି ଆଦି ଯାବତୀୟ ଆର୍ଥିକ ବ୍ୟାପାର କାର୍ଯ୍ୟ କରୁଆସୁଥିଲା । ବାପାର ଅବସର ପୂର୍ବରୁ ପୁଅ ଦୀନେଶ ଆକାଉଣ୍ଟ୍ ସେକ୍ସନର ନିଜର ସ୍ଥିତିକୁ ଏତେ ମଜଭୁତ କରିଥିଲା ଯେ, ତାକୁ ଏଠାରୁ କେହି ହଟାଇ ପାରି ନଥିଲେ । ସରକାରୀ କାର୍ଯ୍ୟାଳୟରେ ଆର୍ଥିକ ବ୍ୟାପାର, ପ୍ରସ୍ତୁତ ହେଉଥିବାର ବିଲ୍‌କୁ ଅନୁମୋଦନ କରିବା ଓ ଟଙ୍କା ପ୍ରଦାନ ଲାଗି ବିଲ୍‌କୁ ଟ୍ରେଜେରୀକୁ ପଠାଇବାରେ ଡ୍ରଇଁ ଡିସ୍‌ବର୍ସିଙ୍ଗ ଅଫିସର(ଡିଡିଓ)ଙ୍କର ମୁଖ୍ୟ ଭୂମିକା ଥାଏ। ଏହି ଘଟଣାରେ ସବୁଠୁ ଆଶ୍ଚର୍ଯ୍ୟଜନକ ଘଟଣା ହେଉଛି, ଏସ୍‌ସିବି ମେଡିକାଲରେ ଡିଡିଓ ଦାୟିତ୍ୱରେ ପେରିଫେରି କ୍ୟାଡର ତଥା ହେଲଥ୍ ସର୍ଭିସ୍ କ୍ୟାଡରରେ ଜଣେ ଆସିଷ୍ଟାଣ୍ଟ୍ ସର୍ଜନ(ଅର୍ଥୋପେଡିକ୍ ଡାକ୍ତର) ନିୟୋଜିତ ଥିଲେ । ଡିଡିଓ ଭାବେ ୨୦୧୧ ମସିହାରୁ ନିୟୋଜିତ ଆସିଷ୍ଟାଣ୍ଟ୍ ସର୍ଜନ ଉକ୍ତ ଆକାଉଣ୍ଟସ୍ ସେକ୍ସନରେ ଦୀର୍ଘ ୧୬ ବର୍ଷରୁ ଅଧିକ ସମୟ ଦାୟିତ୍ୱରେ ରହି ଗତ ମାସକ ତଳେ ଚାକିରିରୁ ଅବସର ନେଇଥିଲେ। ସେହିପରି ଉକ୍ତ ଆକାଉଣ୍ଟ୍ ସେକ୍ସନରେ ଦୀର୍ଘ ୧୬ ବର୍ଷ ହେବ କାର୍ଯ୍ୟ କରିଆସୁଥିବା କନିଷ୍ଠ କିରାଣି ୬ ବର୍ଷରୁ ଅଧିକ ସମୟ ହେବ ଆକାଉଣ୍ଟାଣ୍ଟ୍ ଓ କ୍ୟାସିୟର ଦୁଇଟି ଯାକ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ କାର୍ଯ୍ୟ କରିଆସୁଛନ୍ତି । ଆକାଉଣ୍ଟ୍ ସେକ୍ସନରେ ପୂର୍ବରୁ ବାପାଙ୍କ କେଳେଙ୍କାରୀ ଭିଜିଲାନ୍ସରେ ଧରାପଡ଼ିବା ପରେ ଏବେ ପୁଅର କେଳେଙ୍କାରୀ ଦୁର୍ନୀତିର ସୀମା ପାର କରିଛି ବୋଲି କର୍ମଚାରୀମାନେ କହିଛନ୍ତି । ଦୀର୍ଘ ବର୍ଷ ଧରି କିଛି ଅଧିକାରୀ ଓ କର୍ମଚାରୀ ଆକାଉଣ୍ଟ୍ ସେକ୍ସନରେ ଚୌକି ମାଡ଼ି ବସି କୋଟି କୋଟି ଟଙ୍କା ହରିଲୁଟ୍ କରିଥିବାର ଚର୍ଚ୍ଚା ହେଉଛି । ୨୦୧୫-୨୦୧୬ ଆର୍ଥିକ ବର୍ଷରୁ କର୍ମଚାରୀଙ୍କ ଟିଏ, ଡିଏ ଓ ଅନ୍ୟାନ୍ୟ ସରକାରୀ ଭତ୍ତା ବାବଦରେ ହରିଲୁଟ୍ ହୋଇଥିବାର ଅଡିଟ୍‌ରେ ଧରାପଡ଼ିଛି । ୧୦ ବର୍ଷ ମଧ୍ୟରେ ଏଜି, ଅର୍ଥ ବିଭାଗ ପକ୍ଷରୁ ପୃଥକ୍ ଭାବେ ୪ ଥରରୁ ଅଧିକ ଅଡିଟ୍ ହୋଇଛି । ମାତ୍ର ଏହି କେଳେଙ୍କାରୀ କିପରି ପୂର୍ବ ଅଡିଟ୍‌ରେ ଧରାପଡ଼ି ନଥିଲା ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଜଣେ ଅଧିକାରୀଙ୍କ କହିବା କଥା, ଆକାଉଣ୍ଟ୍ ସେକ୍ସନରେ ଡାଟା ଏଣ୍ଟ୍ରି ଅପରେଟରଙ୍କର କାମ ହେଉଛି ଆକାଉଣ୍ଟାଣ୍ଟ୍ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଦ୍ୱାରା ପ୍ରସ୍ତୁତ ତଥ୍ୟ ସୂଚନାକୁ ଟାଇପ୍ କରିବା । ଟାଇପ୍ ହୋଇଥିବା ବିଲ୍‌କୁ ଆକାଉଣ୍ଟାଣ୍ଟ୍ ଯାଞ୍ଚ୍ କରି ଠିକ୍ ବୋଲି ଫାଇଲ୍‌ରେ ଲେଖିବା ପରେ ଡିଡିଓ ତାହାକୁ ଅନୁଧ୍ୟାନ ଓ ଯାଞ୍ଚ୍ କରି ଟ୍ରେଜେରୀକୁ ସାର୍ଟିଫିକେଟ୍ ଦେଇଥାନ୍ତି । ଏସ୍‌ସିବିରେ ଡିଡିଓ ତଥା ଆକାଉଣ୍ଟସ୍ ଅଫିସର ଭାବେ ଥିବା ଡାକ୍ତର ଜଣକ ଟ୍ରେଜେରୀକୁ ବିଲ୍ ସହ ସାର୍ଟିଫିକେଟ୍ ପଠାଇବା ପରେ ହିଁ ଟିଏ, ଡିଏ, ଲିଭ୍ ସାଲାରି ଆଦି ବାବଦରେ ପାଖାପାଖି ଦେଢ଼ କୋଟି ଟଙ୍କା ରାଜକୋଷରୁ ଡାଟା ଏଣ୍ଟ୍ରି ଅପରେଟର ଦୀନେଶର ଆକାଉଣ୍ଟ୍‌କୁ ଆସିଛି । ତେଣୁ ଏତେବଡ଼ ଦୁର୍ନୀତି ଓ ଅନିୟମିତତା ପଛରେ କେବଳ ଡାଟା ଏଣ୍ଟ୍ରି ଅପରେଟରକୁ ଦାୟୀ କରାଯାଇପାରିବ ନାହିଁ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ଏସ୍‌ସିବି ମେଡିକାଲରେ ଓଡ଼ିଶା ଅର୍ଥ ସେବା (ଓଏଫ୍‌ଏସ୍) ଅଫିସର ଆକାଉଣ୍ଟ୍ ଅଫିସରଙ୍କଠାରୁ ଆରମ୍ଭ କରି ଫାଇନାନସିଆଲ୍ ଆଡଭାଇଜର ଭାବେ ଫାଇନାନ୍ସ ଅଫିସର ନିୟୋଜିତ ଅଛନ୍ତି । ସେହିପରି ତର୍ଜମା ଲାଗି ଅତିରିକ୍ତ ସଚିବ ପାହ୍ୟାର ଜଣେ ପ୍ରଶାସନିକ ଅଧିକାରୀ ରହିଛନ୍ତି। ଅର୍ଥ ବିଭାଗର ଅଧିକାରୀ ଥାଇ ମଧ୍ୟ କିପରି ବର୍ଷ ବର୍ଷ ହେଲା କର୍ମଚାରୀଙ୍କ ନାଁରେ ଟିଏ, ଡିଏ ଟଙ୍କା ନିୟମିତ ଲୁଟ୍ ହୋଇଚାଲିଥିଲା ଅଥଚ କେହି ଅଧିକାରୀ କିଛି ଜାଣିପାରିଲେ ନାହିଁ ତାହା ରହସ୍ୟମୟ ମନେହେଉଛି ।


# ବଲାଙ୍ଗିର ପୌରସଂସ୍ଥା, ବଲାଙ୍ଗିର

ନିଖିଳ ଭାରତ ସ୍ୱାୟତ୍ତ ଦିବସ-୨୦୨୬ ଉପଲକ୍ଷେ ବଲାଙ୍ଗିର ପୌରପରିଷଦ ସମସ୍ତ ଜନସାଧାରଣ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଅଛୁଁ । ଏହି ଅବସରରେ ସମସ୍ତେ ସୁଖ, ସମୃଦ୍ଧି, ଶାନ୍ତି ଓ ମୈତ୍ରୀରେ ସହବସ୍ଥାନ କରନ୍ତୁ । ଏ ମାଟିର ଅଧିଷ୍ଠାତ୍ରୀ ଇଷ୍ଟଦେବୀ ମାଁ ସମଲେଶ୍ୱରୀ ଏବଂ ମାଁ ପାଟଣେଶ୍ୱରୀ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ଆମର ପ୍ରାର୍ଥନା ।




– ବାର୍ତ୍ତା –
ପୌର ପରିଷଦ, ବଲାଙ୍ଗିର ରେ ବସବାସ କରୁଥିବା ସମସ୍ତ ଜନ ସାଧାରଣଙ୍କୁ ମୌଳିକ ସେବା ଯୋଗାଇ ଦେବାପାଇଁ ଆମେମାନେ ବଦ୍ଧପରିକର ।

Executive Officer
Balangir Municipality



BARIPADA MUNICIPALITY

## ବାରିପଦା ପୌରପାଳିକା

## ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଅବସରରେ ବାରିପଦାବାସୀଙ୍କୁ ପୌରପାଳିକାର

# ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ଆସନ୍ତୁ ସମସ୍ତେ ମିଶି ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢି ତୋଳିବା ପାଇଁ ସଂକଳ୍ପବଦ୍ଧ ହେବା ଏବଂ ଆମ ସହରର ଉନ୍ନତିରେ ନିଜକୁ ସାମିଲ କରିବା ।

| | | |
|---|---|---|
| ସୀମା ଦାସ<br>ଉପ ନଗରପାଳ,<br>ବାରିପଦା ପୌରପାଳିକା ଓ<br>ସମସ୍ତ କାଉନସିଲର ବୃନ୍ଦ | ଦେବୀପ୍ରସାଦ ରାଉତ,<br>ଓ.ପ୍ର.ସେ-ଏ (ଜେ.ବି)<br>ନିର୍ବାହୀ ଅଧିକାରୀ,<br>ବାରିପଦା ପୌରପାଳିକା | କୃଷ୍ଣାନନ୍ଦ ମହାନ୍ତି<br>ନଗରପାଳ,<br>ବାରିପଦା ପୌରପାଳିକା |